

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୧ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 01 MARCH 2024

Vol.No. 35 ■ No.60 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧







# ସଙ୍କଟ ଟାଳିଲା କଂଗ୍ରେସ: ହିମାଚଳରେ ସୁଖୁ ହିଁ ରହିବେ ମୁଖ୍ୟମନ୍ତ୍ରୀ

## ରାଜ୍ୟସଭା ନିର୍ବାଚନରେ କ୍ରସ୍-ଭୋଟିଂ: ୬ ଜଣ କଂଗ୍ରେସ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ



ନୂଆଦିଲ୍ଲୀ, ୨୯/୨ : ହିମାଚଳ ପ୍ରଦେଶରେ ଦେଖାଯାଇଥିବା ରାଜନୀତିକ ହଟଚମଟକୁ ବେଶ ଭଲ ଭାବେ ସମାଧାନ କରିଛି କଂଗ୍ରେସ। ଏଥିସହ ସୁଖବିନ୍ଦର ସିଂହ ସୁଖୁ ହିଁ ପୂର୍ବ ଭଳି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ କାମ କରିବେ। ପର୍ଯ୍ୟବେକ୍ଷକମାନେ ସମସ୍ତ ବିଧାୟକଙ୍କ ସହ କଥା ହୋଇଛନ୍ତି। ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱକୁ ଦୂର କରାଯାଇଛି। ଏବେ ସମସ୍ତେ ଏକାଠି ରହିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି। ତେବେ ବିଜେପି ପାଇଁ ରାଜ୍ୟସଭା ନିର୍ବାଚନରେ ଭୋଟ ଦେଇଥିବା କଂଗ୍ରେସର ୬ ଜଣ ବିଧାୟକଙ୍କୁ ହିମାଚଳ ପ୍ରଦେଶ ବିଧାନସଭାର ବାଚସ୍ପତି ଅଯୋଗ୍ୟ ବିବେଚିତ କରିଛନ୍ତି। ଦଳ ବଦଳ ନିରୋଧ ଆଇନ ଅନୁସାରେ ସେମାନଙ୍କ ସଭ୍ୟ ପଦ ରଦ୍ଦ କରାଯାଇଛି। କିନ୍ତୁ ସେମାନେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ବୋଲି କହିଛନ୍ତି। କର୍ଣ୍ଣାଟକାର ଉପ ମୁଖ୍ୟମନ୍ତ୍ରୀ ତଥା ହିମାଚଳ ପ୍ରଦେଶ ପାଇଁ କଂଗ୍ରେସ ନିଯୁକ୍ତ କରିଥିବା ପର୍ଯ୍ୟବେପକ୍ଷ ଡିକେ ଶିବ କୁମାର କହିଛନ୍ତି, ରାଜ୍ୟରେ ସୁଖବିନ୍ଦର ସିଂହ ସୁଖୁ ମୁଖ୍ୟମନ୍ତ୍ରୀ ଭାବେ କାମ କରିବେ। ହିମାଚଳ ପ୍ରଦେଶର ସମସ୍ତ ବିଧାୟକଙ୍କ ସହ କଥାବାର୍ତ୍ତା ହୋଇଛି। ସେମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଓ ମତପାର୍ଥକ୍ୟ ଦୂର ହୋଇଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ବିକ୍ରମାଦିତ୍ୟ ସିଂହ କହିଛନ୍ତି ଯେ ନେତୃବୃନ୍ଦଙ୍କ ସହ ଆଲୋଚନା ହୋଇ ନାହିଁ। ରାଜ୍ୟ ସରକାର କେବେ ସଙ୍କଟରେ ନଥିଲେ କିମ୍ବା ଆଗକୁ ସଙ୍କଟ ବଢ଼ିବାର ନାହିଁ ବୋଲି ସେ କହିଛନ୍ତି। ୬ ଜଣ କଂଗ୍ରେସ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପ୍ରସଙ୍ଗରେ ସେ କହିଛନ୍ତି, "ବର୍ତ୍ତମାନ ସମୟରେ ମୋ ପାଇଁ ଏ ବିଷୟରେ କହିବା ଠିକ ହେବନାହିଁ। ମୋର ଭବିଷ୍ୟତର କାର୍ଯ୍ୟପନ୍ଥା କ'ଣ ହେବ, ସେକଥା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସହ କଥା ହୋଇ କହିବି। ଆମ ପର୍ଯ୍ୟବେକ୍ଷକ ଏଠାକୁ ଆସିଛନ୍ତି। ସେମାନେ ସ୍ଥିତିକୁ ଦେଖୁଛନ୍ତି ଓ ବୁଝିଛନ୍ତି। ମୁଁ ପର୍ଯ୍ୟବେକ୍ଷକଙ୍କ ସହ କଥା ହେବି। ଏହାପରେ ପରବର୍ତ୍ତୀ ପଦକ୍ଷେପ ନେବି।" ହମିଚଳା ହଇଚଇର ସମାଧାନ ପାଇଁ କଂଗ୍ରେସ ଭୂପେଶ ବାଘେଲ, ଭୂପିନ୍ଦର ସିଂହ ହୁଡ୍ଡା ଓ ଡିକେ ଶିବକୁମାରଙ୍କୁ ଶିମଲାକୁ ପଠାଇଥିଲା। ସେମାନେ କିଛି ମାତ୍ରାରେ ସଙ୍କଟକୁ ଟାଳିବାକୁ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷରେ ହିମାଚଳ ପ୍ରଦେଶର କଂଗ୍ରେସ ସଭାପତି ପ୍ରତିଭା ସିଂହ କହିଛନ୍ତି, "ଆମ ପାଖରେ କର୍ମୀମାନଙ୍କୁ କଠିନ ପରିଶ୍ରମ କରିବା ପାଇଁ ଆହ୍ୱାନ ଦେବାର ସାହାସ ନାହିଁ। ମୁଁ ପୂର୍ବରୁ କଂଗ୍ରେସର ବିଦ୍ରୋହୀଙ୍କ ସମ୍ପର୍କରେ ହାଇକମାଣ୍ଡଙ୍କୁ ଜଣାଇ ସାରିଥିଲି।

▶▶ପୃଷ୍ଠା ୭

# ଓଏଏସ ଅଦଳବଦଳ: ୭ ଅଫିସରଙ୍କ ବଦଳି, ୩ ଜଣଙ୍କ ବଦଳି ବାତିଲ




ଭୁବନେଶ୍ୱର, ୨୯/୨ (ନି.ପ୍ର): ରାଜ୍ୟ ସରକାର ଆଜି ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ,ବରିଷ୍ଠ ଓଏଏସ୍ ସୁଚାରୁ କୁମାର ବଳଙ୍କୁ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ଆଲୋମନି ସେଠୀଙ୍କୁ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ, ପ୍ରିୟଦର୍ଶିନୀ ମଲ୍ଲିକଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି । ଓଏଏସ୍ ସମ୍ବିତ କୁମାର ଗଡ଼ନାୟକଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ଫାଲଗୁନି ମାଝୀଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ ଓ ଚିତ୍ତରଞ୍ଜନ ମହାନ୍ତଙ୍କୁ କନ୍ଧମାଳ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ଅନ୍ୟପକ୍ଷରେ ଗଞ୍ଜାମ ଆରଆଇସି ଜେନେରାଲ ମ୍ୟାନେଜର ପ୍ରସନ୍ନ କୁମାର ପାତ୍ର , ଆସିକା ସମବାୟ ଚିନି କଳର ପରିଚାଳନା ନିର୍ଦ୍ଦେଶିକା ଗାୟତ୍ରୀ ଦତ୍ତ ନାୟକ ଓ ବ୍ରହ୍ମପୁର ସିଡିଏମଓ ଅଫିସରେ ପ୍ରଶାସନିକ ଅଫିସର ଥିବା ଓଏଏସ୍ ସୁବ୍ରତ କୁମାର ଜେନାଙ୍କ ପୂର୍ବ ବଦଳି ନିର୍ଦ୍ଦେଶ ବାତିଲ କରି ସେମାନଙ୍କୁ ନିଜ ସ୍ଥାନରେ କାର୍ଯ୍ୟ କରିବାକୁ କୁହାଯାଇଛି ।

# ବଢ଼ିଲା ଅଙ୍ଗନବାଡ଼ି କର୍ମୀଙ୍କ ଦରମା



ଭୁବନେଶ୍ୱର, ୨୯/୨ (ନି.ପ୍ର): ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ତା' ସହିତ ଅଙ୍ଗନବାଡ଼ି ସହାୟିକାଙ୍କ ପାରିଶ୍ରମିକ ବଢ଼ିଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି ଏହି ଘୋଷଣା। ଏହା ଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ଅଙ୍ଗନବାଡ଼ି ସହାୟିକା ଉପକୃତ ହେବେ। ଅଙ୍ଗନବାଡ଼ି କର୍ମୀଙ୍କ ମାସିକ ପାରିଶ୍ରମିକ ୭୫୦୦ରୁ ୧୦ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ମିନି ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ୫୩୭୫ରୁ ୭୨୫୦ ଟଙ୍କାକୁ ବଢ଼ିଛି। ଅଙ୍ଗନବାଡ଼ି ସହାୟିକାଙ୍କ ପାରିଶ୍ରମିକ ୩୭୫୦ରୁ ୫ ହଜାର ଟଙ୍କା ହୋଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ। ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଅକ୍ଟୋବର ୨୦୨୩ରୁ ଜାନୁଆରୀ ୨୦୨୪- ଚାରି ମାସର ବର୍ଦ୍ଧିତ ବକେୟା ରାଶି ମାର୍ଚ୍ଚ ୫ ତାରିଖରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

▶▶ପୃଷ୍ଠା ୭

## ବାହାର ରତ୍ନ ଭଣ୍ଡାର କାନ୍ଥରେ ଫାଟ ହୋଇଛି: ଏଏସ୍ଆଇ

ପୁରୀ, ୨୯/୨ (ନି.ପ୍ର): ଶ୍ରୀମନ୍ଦିର ବାହାର ରତ୍ନ ଭଣ୍ଡାର କାନ୍ଥରେ ଫାଟ ସୃଷ୍ଟି ହୋଇଛି। କାନ୍ଥରେ ଫାଟ ଯୋଗୁ ଭିତରକୁ ପାଣି ଜକଉଥିବା ଅନୁମାନ କରାଯାଉଛି। ରତ୍ନ ଭଣ୍ଡାରରେ ଫାଟ ନେଇ ଏଏସ୍ ଆଇ ଲେଜର ସ୍କାନିଂ ରିପୋର୍ଟରୁ ତଥ୍ୟ ମିଳିଛି। ଗତ ନଭେମ୍ବର ୨୮ ଓ ୨୯ ତାରିଖରେ ଦୁଇ ଦିନ ଧରି ବାହାର ରତ୍ନଭଣ୍ଡାରର ଲେଜର ସ୍କାନିଂ ହୋଇଥିଲା। ଏଏସ୍ ଆଇ ପକ୍ଷରୁ ଏହି ଲେଜର ସ୍କାନିଂ କରାଯାଇଥିଲା। ବାହାର ରତ୍ନଭଣ୍ଡାର ଉତ୍ତର ପାର୍ଶ୍ୱର ଲେଜର ସ୍କାନିଂ ହୋଇଥିଲା।

▶▶ପୃଷ୍ଠା ୭

# ରତ୍ନଭଣ୍ଡାର ଅଳଙ୍କାର ତଦାରଖ ପାଇଁ ଗଠନ ହେଲା କମିଟି: ଜଷ୍ଟିସ ପଶାୟତ ଅଧ୍ୟକ୍ଷ



ପୁରୀ, ୨୯/୨ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ତାଲିକା ପ୍ରସ୍ତୁତିର ତଦାରଖ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପଶାୟତ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। ଏହି କମିଟିରେ ଅଧ୍ୟକ୍ଷଙ୍କ ସହ ରହିଛନ୍ତି ମୋଟ ୧୨ ଜଣ ସଦସ୍ୟ। କମିଟିରେ ପ୍ରସିଦ୍ଧ ହୃଦରୋଗ ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡାଙ୍କୁ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି କମିଟିରେ ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ଉଗଉ ଡକ୍ଟର ବିଧୁଭୂଷଣ ସାମଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତଙ୍କୁ ଗଜପତି ମହାରାଜାଙ୍କ ପ୍ରତିନିଧି ଭାବେ ନିଯୁକ୍ତି କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧିଙ୍କୁ ଏହି କମିଟିରେ ସଦସ୍ୟ ଭାବେ ସାମିଲ କରାଯାଇଛି। ଏମାନଙ୍କ ବ୍ୟତୀତ ସେବକ ଦୁର୍ଗାପ୍ରସାଦ ଦାସ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ କର, ଗଣେଶ ମେକାପ ଓ ପୁରୀ ଜିଲ୍ଲାପାଳ କମିଟି ସଦସ୍ୟ ରହିଛନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ବି ସଦସ୍ୟ ରହିଛନ୍ତି। କମିଟିର ପ୍ରତ୍ୟେକ ସଦସ୍ୟ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଅଳଙ୍କାରର ତାଲିକା ପ୍ରସ୍ତୁତିର ତଦାରଖ କରିବେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ବାହାର ରତ୍ନ ଭଣ୍ଡାର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ନେଇ ଏଏଏସ୍ଆଇ ଲେଜର ସ୍କାନିଂ ରିପୋର୍ଟରୁ ତଥ୍ୟ ମିଳିଛି। ଏଏସ୍ ଆଇ ପକ୍ଷରୁ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଏହି ସ୍କାନିଂ ରିପୋର୍ଟ ପ୍ରଦାନ କରାଯାଇଛି।

# ସ୍କୁଟି-ବାଇକ୍ ମୁହାଁମୁହିଁ ଧକ୍କା: ଚାଲିଗଲା ୩ ଜୀବନ

ମୟୂରଭଞ୍ଜ, ୨୯/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉଦଳା ରାସ୍ତାର ବାଲିଜୁଡା ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ତିନି ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ଦୁଇ ଜଣ ଗୁଡ଼ିଆଲବନ୍ଧର ହୋଇଥିବା ବେଳେ ଅନ୍ୟ ଜଣେ ଦଲକିଶୋଲ ଅଞ୍ଚଳର ବୋଲି ଜଣାପଡିଛି।

▶▶ପୃଷ୍ଠା ୭




# ୨୮୮ ବ୍ଲକର ୨୦୦୦ ଗ୍ରାମ ପଂଚାୟତରେ ଖୋଲିଲା ଆମ ବ୍ୟାଙ୍କ

ଭୁବନେଶ୍ୱର, ୨୯/୨ (ନି.ପ୍ର): ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ୨୮୮ ବ୍ଲକର ୨୦୦୦ ଗ୍ରାମ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ଆମ ବ୍ୟାଙ୍କ'ର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଓଡିଶାର ୬,୭୯୮ଟି ଗ୍ରାମ ପଂଚାୟତଟି ମଧ୍ୟରୁ ୪୩୭୩ଟି ପଂଚାୟତରେ ବ୍ୟାଙ୍କ ଶାଖା ନ ଥିଲା। ୨୦୨୩ ନଭେମ୍ବର ମାସରେ ପ୍ରଥମ ପର୍ଯ୍ୟାୟରେ ୭୫୦ ଟି 'ଆମ ବ୍ୟାଙ୍କ' ଖୋଲିଥିଲା। ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ପଂଚାୟତରେ 'ଆମ ବ୍ୟାଙ୍କ' ସୁବିଧା ମିଳିବ। ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ବ୍ୟାଙ୍କ ଜନସେବାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି। ସମସ୍ତ ସରକାରୀ ସୁବିଧା ସିଧା ସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ସେଥିପାଇଁ ମୋ ରାଜ୍ୟର ସବୁ ହିତାଧିକାରୀ ସୁବିଧାରେ ଓ ଠିକ୍ ସମୟରେ ତାଙ୍କ ପ୍ରାପ୍ୟ ପାଆନ୍ତୁ। କେହି ଜଣେ ବି ହିତାଧିକାରୀ ସରକାରୀ ସହାୟତା ପାଇବାରେ ଯେପରି ହଇରାଣ ନ ହେବେ ତାକୁ ଦୃଷ୍ଟିରେ ରଖି ଏହି ବ୍ୟାଙ୍କ ଗୁଡିକ ଖୋଲାଗଲା। ଏ ଦିଗରେ ବ୍ୟାଙ୍କ ଗୁଡିକ ଭଲ ଭାବେ କାମ କରିବ। 'ଆମ ବ୍ୟାଙ୍କ' ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ସାରା ଦେଶରେ ଏକ ମଡେଲ। ବ୍ୟାଙ୍କ ଗୁଡିକ ହିତାଧିକାରୀଙ୍କୁ ୧୫ ପ୍ରକାର ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଗାଁମାନଙ୍କରେ ଡିଜିଟାଲ ଭିତିଭୂମିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମସ୍ତଙ୍କ ଏକ ମୌଳିକ ଅଧିକାର। ଏକ କଲ୍ୟାଣକାରୀ ରାଜ୍ୟ ଭାବରେ ସମସ୍ତ ନାଗରିକମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ସାମିଲ କରିବା ଆମର ମୁଖ୍ୟ ଦାୟିତ୍ୱ। ଓଡିଶା ଆଜି ଯେଉଁ ବ୍ୟାଙ୍କ ନଥିବା ଗ୍ରାମ ପଂଚାୟତରେ ବ୍ୟାଙ୍କ ସୁବିଧା ଯୋଗାଇ ଦେଉଛି, ତାହା ଜାତୀୟ ସ୍ତରରେ ଉଦାହରଣ।

ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ବୁଣାକାର ଓ କଳାକାରମାନଙ୍କ ପେନସନ ଓ ସହାୟତା ନିକଟରେ ବୃଦ୍ଧି କରାଯାଇଛି। ଏମାନଙ୍କ ସହିତ ମିଶନ ଶକ୍ତି ମା' ମାନେ ମଧ ଏହି ବ୍ୟାଙ୍କ ଜରିଆରେ ସୁବିଧା ପାଇବେ। 'ଆମ ବ୍ୟାଙ୍କ' ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଶାରିରୀକ ଅକ୍ଷମମାନଙ୍କୁ ସେମାନଙ୍କ ଘର ପାଖରେ ସେବା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶେଷରେ ରାଜ୍ୟ ସରକାରଙ୍କ ଏହି ବ୍ୟାଙ୍କ ଖୋଲିବାରେ ସହାୟତା କରିଥିବା ୬ଟି ପବ୍ଲିକ ସେକ୍ଟର ବ୍ୟାଙ୍କକୁ ଧନ୍ୟବାଦ ଜଣାଇ ସମାଜର ସବୁଠାରୁ ତଳସ୍ତରରେ ରହୁଥିବା ଲୋକ ଯେମିତି ସୁବିଧାରେ ବ୍ୟାଙ୍କ ସେବା ପାଇବ ସେଥିପାଇଁ ସେମାନଙ୍କର ଉଦ୍ୟମ ଅବ୍ୟାହତ ରଖିବା ପାଇଁ ଅନୁରୋଧ କରିଥିଲେ। ଏକ ସଶକ୍ତ ଓଡିଶା ଗଠନ କରିବା ଦିଗରେ ଆମେ ସମସ୍ତେ ସମ୍ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡିଶାର ସମସ୍ତ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତନ ଆସିଛି। ପୂର୍ବରୁ ରାଜ୍ୟରେ ବ୍ୟାଙ୍କ ଗୁଡିକ ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ବ୍ୟାଙ୍କିଙ୍ଗ ଏକ ଜରୁରୀ ସେବା ହୋଇଥିବାରୁ ରାଜ୍ୟର ସମସ୍ତ ଅଂଚଳର ନାଗରିକମାନଙ୍କୁ ଏହି ମୌଳିକ ସେବା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଆମ ବ୍ୟାଙ୍କ' ଯୋଜନା ପରିକଳ୍ପନା କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସି.ଜି.ଏମ୍ ଉପସ୍ଥିତ ଥିଲେ।

# ଭବାନୀପାଟଣାରେ ବାଲ୍ୟ ବିବାହ ନିରାକରଣ ଓ ବେଟି ବଚାଓ ବେଟି ପଢାଓ ସମ୍ପର୍କୀୟ ଟାକ୍ସ ଫୋର୍ସ ବୈଠକ

ଭବାନୀପାଟଣା , ୨୯/୨ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ " ବାଲ୍ୟବିବାହ ଏବଂ ବେଟି ବଚାଓ ବେଟି ପଢାଓ " ସମ୍ପର୍କିତ ଟାକ୍ସଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ , ଜିଲ୍ଲା ଶିକ୍ଷା ଅଧିକାରୀ , ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ , ଜିଲ୍ଲା ମଙ୍ଗଳ ଅଧିକାରୀ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ,ଜିଲ୍ଲା କ୍ରୀଡ଼ା ଅଧିକାରୀ ,ପୋଲିସ ବିଭାଗ ର ଅଧିକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତ୍ତା ଓ ଶିଶୁ ସୁରକ୍ଷା ୟୁନିଟ ର କର୍ମକର୍ତ୍ତା ପ୍ରମୁଖ ଏବଂ ଅନ୍ୟ ସଦସ୍ୟ ଓ ସଦସ୍ୟାଗଣ ଭାଗ ନେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୈଲେନ୍ଦୁ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ପରେ ଗତ ବୈଠକର ବିବରଣୀ ପାଠ କରିଥିଲେ ଓ ଏହାର ପ୍ରଗତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଜିଲ୍ଲାପାଳ ସମସ୍ତ ସଦସ୍ୟ / ସଦସ୍ୟା ଓ ବିଭାଗୀୟ ଅଧିକାରୀମାନଙ୍କୁ ଗତ ବୈଠକର ନିଷ୍ପତ୍ତି ସମ୍ପର୍କୀୟ କାର୍ଯ୍ୟକାରିଣୀକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ବାଲ୍ୟ ବିବାହକୁ ରୋକିବା ଦିଗରେ ବିଭିନ୍ନ କାର୍ଯ୍ୟଧାରା ଆଗାମୀ ଦିନ ମାନଙ୍କରେ କରିବା ପାଇଁ ସ୍ଥିରୀକୃତ ହୋଇଥିଲା । ବୈଠକରେ ବାଲ୍ୟ ବିବାହ କୁ ରୋକିବା ଓ ନିରୁତ୍ସାହିତ କରିବାକୁ ବିଭିନ୍ନ ସ୍କୁଲମାନଙ୍କରେ ସଚେତନତା କାର୍ଯ୍ୟକ୍ରମ, ବାଲ୍ୟ ବିବାହରେ ସାମିଲ ନ ହେବା ପାଇଁ ମ୍ୟୁନିସିପାଲଟି, ଏନ୍ ଏ ସି, ଗ୍ରାମାଞ୍ଚଳ ରେ ଅବସ୍ଥିତ ବାଣ୍ଡ୍ ପାର୍ଟି, ଟେଣ୍ଟ, ଡିଯେ,ମନ୍ଦିର ,ପୁରୋହିତ ସଂଘ ମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଦେଶନାମା ଚିଠି, ଡ୍ରପ ଆଉଟ୍ ଝିଅପିଲାମାନଙ୍କ ପାଇଁ ସ୍କୁଲ୍ ଭର୍ତ୍ତି , ସଚେତନତା, ସ୍ୱଂୟ ଆର୍ଥିକ ସ୍ୱାଧୀନତା ଉପରେ ଆଲୋଚନା ହୋଇଥିଲା ଏବଂ ସେ ଦିଗରେ ଆଗାମୀ ଦିନ ମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଯେ କୌଣସି ବ୍ୟକ୍ତି କିମ୍ବା ଅଙ୍ଗନବାଡ଼ି କର୍ମୀ ଗ୍ରାମ କିମ୍ବା ସହରରେ ବାଲ୍ୟ ବିବାହ ହେଉଥିବାର ପ୍ରସ୍ତୁତି ବା ହେଉଥିଲେ ଏ ସମ୍ପର୍କୀୟ ନିର୍ଦ୍ଧିଷ୍ଟ ପ୍ରମାଣ ସହ ଜଣାଇଲେ ତାଙ୍କୁ ପୁରସ୍କାର ପ୍ରୋତ୍ସାହନ ଦିଆଯିବ ବୋଲି ସଭାରେ ଗୃହୀତ ହେଲା।

# ଉପଖଣ୍ଡ ସୂଚନା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ , ୨୯/୨ (ନି.ପ୍ର): ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀଙ୍କୁ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଠାରେ ୬୦ ବର୍ଷରେ ପଦାର୍ପଣ କରିଥିବା ଶ୍ରୀ ସେଠୀ ଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ସେଠୀ ବିଭାଗ ପାଇଁ ଅନେକ ସେବା କରିଛନ୍ତି ଓ ତାଙ୍କ କାର୍ଯ୍ୟ ବେଶ ପ୍ରଶଂସନୀୟ ବୋଲି ଉପସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ସମସ୍ତ କର୍ମଚାରୀ ମତବ୍ୟକ୍ତ କରିଥିଲେ। ନିଜ ପ୍ରତିକ୍ରିୟା ରେ ବିଭାଗ ପାଇଁ କାର୍ଯ୍ୟ କରି ସେ ବେଶ ଗର୍ବିତ ଓ ଆନନ୍ଦିତ ବୋଲି ରଘୁନାଥ କହିଥିଲେ।ଏହି କାର୍ଯ୍ୟକ୍ରମ ରେ ବିଭାଗର ରେଡ଼ିଓ ଇନିସପେକ୍ଟର ରାଜେନ୍ଦ୍ର କୁମାର ପାତ୍ର, ପ୍ରସନ୍ନ କୁମାର ସାହୁ, ଜିତେନ୍ଦ୍ର କୁମାର ସ୍ୱାଇଁ, ମିନତୀ ଦାସ,ପ୍ରଦୀପ୍ତ ପଟ୍ଟନାୟକ,ପ୍ରତିମା ମହାନ୍ତି,ତ୍ରିନାଥ ପାତ୍ର , ଲକ୍ଷ୍ମୀଧର ନାଏକ, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୯/୨ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ସହ ଠିକ ସମୟରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାର ଅପରାହ୍ନରେ ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ଓସ୍ୱାନ ହଲରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଏଥିରେ ଅଧ୍ୟକ୍ଷତା କରି କହିଲେ ଯେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ପାଇଁ ଦିଆ ଯାଇଥିବା ଅନୁଦାନର ସୁବିନିଯୋଗ ଜରୁରୀ ଅଟେ। ଫେବୃଆରୀ ମାସ ସୁଦ୍ଧା ୯୦ ପ୍ରତିଶତ ଅନୁଦାନ ଖର୍ଚ୍ଚ ହେବାକୁ ଲକ୍ଷଧାର୍ଯ୍ୟ ଥିବାବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଯେପରି ଶତପ୍ରତିଶତ ଅନୁଦାନ ବ୍ୟୟ ହୋଇ ପାରିବ ସେଥିପ୍ରତି ବିଭାଗୀୟ ଯନ୍ତ୍ରୀମାନେ ଯନିବାନ ହେବା ଦରକାର।

ସେହିପରି ବିଭାଗର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ହେବା ଆବଶ୍ୟକ । ଏଣିକି ବିଭାଗର ଏଷ୍ଟିମେଟରମାନେ ଫିଲ୍ଡ ଯାଇ କାର୍ଯ୍ୟ ତଦାରଖ କରନ୍ତୁ ବୋଲି ଶ୍ରୀ ସିଂହ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ଅଧିକାରୀମାନଙ୍କ ପେନସନ ଓ ଶୃଙ୍ଖଳାଗତ ପ୍ରକ୍ରିୟା ଉପରେ ମଧ ବିଭାଗ ବିଶେଷ ଭାବେ ଧ୍ୟାନ ଦେବା ଆବଶ୍ୟକ। ଅଦାଲତ ସମ୍ବନ୍ଧୀୟ କେଶଗୁଡିକୁ ଅଗ୍ରାଧିକାର ଭିତିରେ ସମାଧାନ କରିବା ସହିତ ବାକିଥିବା ପେନସନ କେଶଗୁଡିକୁ ଚଳିତ ମାର୍ଚ୍ଚ ସୁଦ୍ଧା ଫଇସଲା ପାଇଁ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ବିଭାଗ ସମ୍ବନ୍ଧୀୟ ସମସ୍ତ ଅଭିଯୋଗଗୁଡିକର ଯଥା ସମୟରେ ତ୍ୱରିତ ସମାଧାନପୂର୍ବକ ଅନୁପାଳନ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ । ଆର.ଆଇ.ଡି.ଏଫ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକ ଧାର୍ଯ୍ୟ ସମୟରେ ସାରିବା ସହ ଆଗାମୀ ମାର୍ଚ୍ଚ ସୁଦ୍ଧା ପିସିଆର ପ୍ରଦାନ କରିବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେବା ସହ ରୋଡ ଏବଂ ବ୍ରିଜ ସେକ୍ଟରରେ ସ୍ଥଗିତ ରହିଥିବା ପିସିଆର ଦାଖଲ କରିବାକୁ କହିଥିଲେ । ସେହିପରି ବିଜୁ ସେତୁ ଯୋଜନା ଅଧିନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ପ୍ରକଳ୍ପ ଅନୁମୋଦନ ପାଇଁ ଫିଜିବିଲିଟି ରିପୋର୍ଟ, ଟେଣ୍ଡର ଏଗ୍ରିମେଂଟ ଏବଂ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ପିସିଆର ଆଦି ଯଥା ସମୟରେ ସମ୍ପୂର୍ଣ୍ଣ କରି ବିଭାଗକୁ ଅବଗତ କରାଇବାକୁ କହିଥିଲେ । ନିର୍ବାହୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଇ ପାରୁଛି ସେଗୁଡିକୁ ଅନୁଧ୍ୟାନପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କୌଣସି ପରିସ୍ଥିତିରେ ଏହାର ଉଲଙ୍ଘନ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ସିଂହ ସତର୍କ କରାଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ବୁଝିବା ସହ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡିକର ବାକି ରହି ଯାଇଥିବା ଡିପିଆର ଫାଇନାଲ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଚାଲୁ ରହିଥିବା ପ୍ରକଳ୍ପ ଚଳିତ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଥିଲେ । ଏଥି ସହିତ ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଶତପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ସମସ୍ତ ପ୍ରକଳ୍ପ ପ୍ରକ୍ରିୟା ସାରିବାକୁ କହିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧିନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡିକର ନିୟମିତ ଓ ସାମୟିକ ରକ୍ଷଣାବେକ୍ଷଣର ବ୍ୟୟବରାଦକୁ ଦୃଷ୍ଟିରେ ରଖି କାର୍ଯ୍ୟ ଆଗେଇ ନେବାକୁ ଡିଭିଜନମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, କୋଠାବାଡି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଆଲୋଚନା କରା ଯାଇଥିଲା। ପ୍ରତ୍ୟେକ ସର୍କଲ ଓ ଡିଭିଜନର ସମସ୍ତ ଯନ୍ତ୍ରୀମାନଙ୍କୁ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମର ଅଗ୍ରଗତି ଓ ବର୍ତମାନର ସ୍ଥିତି ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ପଚାରି ବୁଝିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ, ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡା, ସର୍ବେଶ୍ୱର ସିଂଙ୍କ ସମେତ ପ୍ରତ୍ୟେକ ସର୍କଲ ଓ ଡିଭିଜନର ମୁଖ୍ୟ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏନ୍‌ଏସି ଦାବିରେ ଆଜି ବାର ଘଂଟିଆ ଲାଠୋର ବନ୍ଦ

ବଲାଙ୍ଗିର, ୨୯/୨ (ନି.ପ୍ର): ଏନ୍‌ଏସି ଘୋଷଣା ଦାବିରେ ତେଜୁଛି ପ୍ରତିବାଦ । ଆଜି ମଧ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଉଛି । ଏହି କ୍ରମରେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋରଠାରେ ମଧ ବନ୍ଦ ପାଳନ କରାଯାଇଛି । ଲାଠୋର ନାଗରିକ କ୍ରିୟାନୁଷ୍ଠାନ କମିଟିର ଭୋଜରାଜ ମେହେରଙ୍କ ନେତୃତ୍ୱରେ ବଣିକ ସଂଘ, ସମସ୍ତ ସଂଘ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ରାଜ୍ୟ ସରକାର ୩୫ ଗୋଟି ଏନ୍‌ଏସି ଘୋଷଣା କରିଥିବାବେଳେ ଏଥିରୁ ବଲାଙ୍ଗିର ଜିଲ୍ଲାର ଲାଠୋର ବାଦ୍ ପଡିଥିବାରୁ ସ୍ଥାନୀୟ ଲୋକ ଆଜି ୧୨ ଘଂଟିଆ ବନ୍ଦ ପାଳନ କରୁଛନ୍ତି । ବନ୍ଦ ଯୋଗୁଁ ଯାତାୟତ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି । ଏହି ବନ୍ଦରୁ କେବଳ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦିଆଯାଇଛି । ଆନ୍ଦୋଳନ ଯୋଗୁଁ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏହି ଅବସରରେ ଦଶରଥ ପାଣିଗ୍ରାହୀ, ପ୍ରବୀଣ ଅଗ୍ରୱାଲ, ମୁରଲୀ ମେହେର, ଦୁର୍ଗାପ୍ରସାଦ ବେହେରା, କାଶୀନାଥ ମେହେର ଏବଂ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ଭାରି ମାତ୍ରାରେ ପୋଲିସ ମୁତୟନ ହୋଇଛନ୍ତି ।

# ବଲାଙ୍ଗୀର ଜିଲ୍ଲା କାରାଗାରରେ ଚାରି ଦିନିଆ ଯୋଗ, ଧ୍ୟାନ ଏବଂ ସତସଙ୍ଗ ଶିବିର ସମ୍ପନ୍ନ

ବଲାଙ୍ଗିର, ୨୯/୨ (ନି.ପ୍ର): ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ ଏବଂ ମହିଳା ପତଞ୍ଜଳି ଯୋଗ ସମିତି ବଲାଙ୍ଗିର ଜିଲ୍ଲା କାରାଗାରରେ ଚାରି ଦିନିଆ ଯୋଗ, ଧ୍ୟାନ ଏବଂ ସତସଙ୍ଗ ଶିବିରର ଆୟୋଜନ କରିଥିଲେ। ଯୋଗଗୁରୁ ଏବଂ ପତଞ୍ଜଳି ବଲାଙ୍ଗୀର ଜିଲ୍ଲା ସଂଯୋଜିକା ସୁଶ୍ରୀ ସୁଜାତା ଡିସ୍ରି ଜିଲ୍ଲା କାରାଗାରର ବନ୍ଦୀମାନଙ୍କୁ ଯୋଗ, ଧ୍ୟାନ ଏବଂ ସତସଙ୍ଗ କରାଇଥିଲେ । ଜେଲର ସର୍ବେଶ୍ୱର ସାହୁ, ସବ୍ ଜେଲର ଭୋଇ ସାର୍, ବିବୁତି ଭୂଷଣ ବେହେରା , ସୋନାଲି ଦାଶ, ସୁଶ୍ରୀ ଶ୍ରାବଣୀ କଲସାଇ, ମହିଳା ପତଞ୍ଜଳି ଯୋଗ ସମିତି ସଦସ୍ୟ ଶ୍ରୀମତୀ ନିହାରିକା ମିଶ୍ର, ଶ୍ରୀମତୀ ଦୀପ୍ତିମୟୀ ମିଶ୍ର, ଶ୍ରୀମତୀ ସରୋଜା ମାଝୀ, ସହଯୋଗ ଫାଉଣ୍ଡେସନର ରାମ ଅବତାର ଅଗ୍ରୱାଲ ସୁଦୀପ ତ୍ରିପାଠୀ, ତୋଫାନ ପାତ୍ର ,ଆର୍ତତ୍ରାଣ ପାଢ଼ୀ , ସମ୍ପାଦିକା ଶ୍ରୀମତୀ ପିଙ୍କି ମୋଦୀଙ୍କର କାର୍ଯ୍ୟକ୍ରମରେ ବିଶେଷ ସହଯୋଗ କରିଥିଲେ . ଯୋଗ ଗୁରୁ ସୁଜତା ଡିସ୍ରି କହିଛନ୍ତି ଯେ ଜୀବନରେ ସନ୍ତୁଳନ ବଜାୟ ରଖିବାର ରହସ୍ୟ ହେଉଛି ଯୋଗ ଏବଂ ଧ୍ୟାନ - ଏହା ହେଉଛି ସଫଳତାର ସୂତ୍ର । ଯୋଗ ଏବଂ ଧ୍ୟାନର ଏହି ଶିବିର କେବଳ ବନ୍ଦୀମାନଙ୍କୁ ଶାରୀରିକ ଶକ୍ତି ଯୋଗାଇଲା ନାହିଁ ବରଂ ସେମାନଙ୍କର ମନକୁ ଶାନ୍ତି ଏବଂ ସ୍ଥିରତା ଆଡକୁ ନେଇଗଲା । ଏହା ବ୍ୟତୀତ ଏହା ସାମାଜିକ ସମ୍ପର୍କକୁ ମଜବୁତ କରିବାରେ ମଧ ସହାୟକ ହୋଇଥିଲା। ଏହିପରି ଶିବିର କେବଳ ବନ୍ଦୀମାନଙ୍କ ଜୀବନରେ ପରିବର୍ତ୍ତନ ଆଣି ନଥିଲା ବରଂ ସମାଜକୁ ଏକ ନୂତନ ଦିଗକୁ ନେବାକୁ ସହଯୋଗ କରିଥିଲା ।

# ଭାରତରେ ନିଜ ହାତରେ ବୈଜ୍ଞାନିକ ଉପକରଣ ତିଆରି କରି ପରୀକ୍ଷଣ କରିବାର ମହାନ ପରମ୍ପରା ରହିଛି : ଡଃ ଅଭିମନ୍ୟୁ ମିଶ୍ର

କଟକ/ଭୁବନେଶ୍ୱର, ୨୯/୨ (ନି.ପ୍ର): ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ସେମିନାର, କର୍ମଶାଳା, ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। କନ୍ଧମାଳର ଜି-ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସରକାରୀ ବି. ଇ. ଡି. କଲେଜ, କଳିଙ୍ଗାର ପ୍ରାଧ୍ୟାପକ ଡଃ ଦୀପକ ମହାନ୍ତି କହିଲେ ଉତ୍କଣ୍ଠା ଆବିଷ୍କାର ପାଇଁ ପ୍ରେରିତ କରେ। ଚନ୍ଦ୍ରଶେଖର ଭେଙ୍କଟରମଣ ଭୂମଧ୍ୟସାଗରର ଜଳରାଶି ଦେଖି ତାଙ୍କ ମନରେ ଉତ୍କଣ୍ଠା ଜାତ ହେଲା। ଆମେ କଣ ସମୁଦ୍ର ଜଳ ଦେଖି ଭାବୁଛେ ଗ୍ଲାସରେ ରଖିଲେ ଜଳ ରଖିଲେ ତାହା ଧଳା ଦିଶେ ହେଲେ ସମୁଦ୍ର କାହିଁକି ନୀଳ ଦିଶେ ? ସେ ପରୀକ୍ଷଣ କଲେ ଓ ରମଣ ପ୍ରଭାବ ଆବିଷ୍କାର କଲେ। ମହିଳା ମହାବିଦ୍ୟାଳୟ, ରାଇରଙ୍ଗପୁର, ମୟୁରଭଞ୍ଜ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ରୁଦ୍ରନାରାୟଣ ଧିର ରମଣ ପ୍ରଭାବ ବିଷୟରେ ବିଶଦ ଆଲୋଚନା କରିଥିଲେ। ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗଡରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ବିଦେଶୀ ପ୍ରଧାନ ସ୍ୱଦେଶୀ ବିଜ୍ଞାନ ହିଁ ଭାରତକୁ ବିଶ୍ୱଗୁରୁ କରିପାରିବ ବୋଲି କହିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାମାକ୍ଷାନଗର, ଢେଙ୍କାନାଳରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆ. ଜି. ଆଇ. ଟି., ସରାଙ୍ଗର ପ୍ରାଧ୍ୟାପକ ଡଃ ଅନୁକୂଳ ପ୍ରସାଦ ପାଢୀ ଯୋଗଦେଇ ରମଣଙ୍କ ଦ୍ୱାରା ସମ୍ପାଦିତ ବିଚ୍ଛୁରଣ ପରୀକ୍ଷଣ କିପରି ଗୋଟିଏ କିରଣ ଆଣବିକ ସଂସ୍ପର୍ଶ ଦ୍ୱାରା ତିନୋଟି କିରଣ ନିର୍ଗତ କରିଥାଏ ତାହା ଦର୍ଶାଇ ଥିଲେ ସେ ଭାରତର ଗୌରବଜ୍ଜଳ ବୈଜ୍ଞାନିକ ପରମ୍ପରା ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଥିଲେ। ଜିଲା ସଂପାଦକ ଅଧ୍ୟାପକ ଶୁଭମ ବେହେରା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମାଜ ସେବୀ ଶ୍ରୀକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ଗୌରଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।ରମଣ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର, ବଲାଙ୍ଗୀରରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରାଜେନ୍ଦ୍ର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଅଭିମନ୍ୟୁ ମିଶ୍ର ହାତ ତିଆରି ଶତାଧିକ ମଡେଲ ପରୀକ୍ଷଣ ପ୍ରଦର୍ଶିତ କରିଥିଲେ। ସେ କହିଲେ ଯେ ଭାରତରେ ନିଜ ହାତରେ ବୈଜ୍ଞାନିକ ଉପକରଣ ତିଆରି କରି ପରୀକ୍ଷଣ କରିବାର ମହାନ ପରମ୍ପରା ରହିଛି। ରମଣ ଏ ପରମ୍ପରାର ଶେଷ ସଫଳ ଦାୟାଦ ଥିଲେ। ସେ ଯେଉଁ ଯନ୍ତ୍ର ବା ଉପକରଣ ମାଧ୍ୟମରେ ରମଣ ପ୍ରଭାବ ଆବିଷ୍କାର କରିଥିଲେ ମାତ୍ର ୨୦୦ ଟଙ୍କାର କଞ୍ଚାମାଲ କିଣି ଏହି ଉପକରଣଟି ନିଜେ ତିଆରି କରିଥିଲେ। ରମଣ ପ୍ରଭାବ ଆବିଷ୍କାର ପାଇଁ ସେ ନୋବେଲ ପୁରସ୍କାର ପାଇଲେ। ଆମେ ବିଦ୍ୟାଳୟ ସ୍ତରରୁ ପିଲା ମାନଙ୍କ ମନରେ ନିଜେ ବୈଜ୍ଞାନିକ ଉପକରଣ ଡିଜାଇନ କରିବା ମନୋବାଞ୍ଛାର ଉନ୍ମେଷ କରିବାକୁ ପଡିବ। ଶିକ୍ଷକ ମାନଙ୍କୁ ମଧ୍ୟ ନୂଆ ନୂଆ ଅଭିନବ ବୈଜ୍ଞାନିକ ଉପକରଣ ଆବିଷ୍କାର କରିବାକୁ ହେବ। ତେବେ ଯାଇ ଆମେ ବିଶ୍ୱସ୍ତରୀୟ ଗବେଷଣା କରିପାରିବା। ଶିକ୍ଷାବିତ୍ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

# ସାଗରର ବିକାଶ ମୂଳକ କାଯ୍ୟର ସମୀକ୍ଷା

ଜୟପୁର , ୨୯/୨ (ନି.ପ୍ର): ଜୟପୁର ଜଗନ୍ନାଥ ସାଗରର ବିକାଶ ମୁଳକ କାଯ୍ୟର ସମୀକ୍ଷା କରିଛନ୍ତି ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି । ସାଗରର ପାଣି କିପରି ନିଷ୍କାସନ ହେବ ନେଇ ସମିକ୍ଷା କରିଛନ୍ତି । ସମୀକ୍ଷା ସମୟରେ ଜୟପୁର ପୌର କାଯ୍ୟନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ପୌର ଯନ୍ତ୍ରୀ ପ୍ରତାପ ଆଚାଯ୍ୟ, ଅଜୟ କୁମାର ଜାନି ଉପସ୍ଥିତ ରହି ସମିକ୍ଷା କରିଥିଲେ ।

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବଲାଙ୍ଗିର , ୨୯/୨ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ବଲାଙ୍ଗିରଙ୍କ ଦ୍ୱାରା ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ଏକ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲାପାଳ ଗୌରବ୍ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା(ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ ଡାଃ ବିଜୟ।ନନ୍ଦ ସେଠୀ (ସାଧାରଣ), ଉପ-ଜିଲ୍ଲାପାଳ ଟିଟିଲାଗଡ ରେହାନ ଖତ୍ରୀ, ଉପ-ଜିଲ୍ଲାପାଳ ପାଟଣାଗଡ଼ ଅମିତ କୁମାର ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ସହର ଉନ୍ନୟନ ସଂସ୍ଥା ପ୍ରଫୁଲ୍ଲ କୁଜୁର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢୀ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ଶ୍ରୀମତୀ ସସ୍ମିତା ପ୍ରଧାନ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ମାନେ ଉପସ୍ଥିତ ଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସୁଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ତଥା ଆନୁସାଙ୍ଗିକ ବ୍ୟବସ୍ଥା ଓ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ତହସିଲ ଓ ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକରେ ମାର୍ଚ୍ଚ ୫ ତାରିଖ ଠାରୁ କଣ୍ଟ୍ରୋଲ ରୁମ ଖୋଲିବା ସହ ଅଭିଯୋଗ ରେଜିଷ୍ଟରରେ ଅଭିଯୋଗ ଗୁଡିକ ଲିପିବଦ୍ଧ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଚଳ ହୋଇଥିବା ନଳକୂପ ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ସଙ୍କ୍ରାନ୍ତୀୟ ସମସ୍ୟା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା, ଜଳକ୍ଳିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା , ଅଂଶୁଘାତ ଜନିତ ମୃତ୍ୟୁର ୨୪ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକ, ପଞ୍ଚାୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରମିକମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀମାନଙ୍କରେ ବିଶ୍ରାମସ୍ଥଳୀ ଓ ଯାତ୍ରୀବାହି ବସ ତଥା ଅନ୍ୟାନ୍ୟ ଯାନବାହାନ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ସହିତ ଓଆରଏସ ପ୍ୟାକେଟ ରଖିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ, ଗାଈ ଇତ୍ୟାଦି ପ୍ରାଣୀ ସମ୍ପଦଙ୍କ ପିଇବା ପାଣିର ବ୍ୟବସ୍ଥା ତଥା ଔଷଧର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବିଶେଷ କରି ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ଗୁଡିକ ପାଇଁ ସୁନିଶ୍ଚିତ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବ୍ଲକ ଓ ପଞ୍ଚାୟତ ସ୍ତରରେ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁରୂପ ବୈଠକ ଯଥାଶୀଘ୍ର ଆୟୋଜନକରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ଶ୍ରୀମତୀ ସସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୟପୁର ପୌର ପରିଷଦର ସାଧାରଣ ପରିଷଦ ବୈଠକ

ଜୟପୁର, ୨୯/୨ (ନି.ପ୍ର): ଜୟପୁର ପୌର ସଭା ଗୃହରେ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପାଧକ୍ଷ ବି. ସୁନିତା , ସାଂସଦ ପ୍ରତିନିଧି ହାସନ ମଦାନ. ପୌର କାଯ୍ୟନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ସହରରେ ସ୍ମାର୍ଟ ମାଟର ନଗାଇବାକୁ ପରିଷଦରେ ନିଷ୍ପତ୍ତି ହୋଇଛି । ପିଏଚଡି ବିଭାଗ ତରଫରୁ ଡ୍ରେନ ଭିତରେ ପାଇପ ନିଆଯାଉଥିବାରୁ ତାହାକୁ ବନ୍ଦ କରାଯିବ । କାରଣ ନାଳରେ ମଇଳା ଜମିବା ସହ ପାଇପ ଫାଟିଲେ ଦୁଷିତ ପାଣି ପାଇପ ଭିତରେ ପସୁଛି । ତାହାକୁ ରୋକ ଲଗାଯିବ । ଏହା ସହ ସହରରେ ରିଏଲ ଷ୍ଟେଟ ମାଲିକ ମାନେ ଖାଲି ଜାଗା ନଛାଡି ବିକ୍ରି କରଛନ୍ତି । ତାହାକୁ ରୋକ ଲଗାଇବା ପାଇ ନିଷ୍ପତ୍ତି ହୋଇଛି । ମୁଖ୍ୟ ଟ୍ରାଫିକ ଛକ ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୁତ୍ତି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି ।

# ଆପଣଙ୍କ ପିଲା କିପରି ବନ୍ଧୁ ତିଆରି କରିପାରିବେ ଏହି ୫ଟି ଉପାୟରେ ଶିଖାନ୍ତୁ



ମାନସିକ ସ୍ୱାସ୍ଥ୍ୟ ପାଇଁ ସାମାଜିକ ଦକ୍ଷତା ବୃଦ୍ଧି କରିବା ଆଜି ଏକ ଆବଶ୍ୟକତା ପାଲଟିଯାଇଛି। ତେବେ ପିଲାଦିନରୁ ହିଁ ଏହାକୁ ଶିଖାଇବା ଜରୁରୀ। ତେବେ ପିଲାମାନେ କିପରି ଅନ୍ୟମାନଙ୍କ ସହ ମିଶିବେ ସେନେଇ କେତେକ ଟିପ୍ସ ଜାଣିନେବା ଜରୁରୀ।

ମାନସିକ ସ୍ୱାସ୍ଥ୍ୟ ପାଇଁ ସାମାଜିକ ଦକ୍ଷତା ବୃଦ୍ଧି କରିବା ଆଜି ଏକ ଆବଶ୍ୟକତା ପାଲଟିଯାଇଛି। ତେବେ ପିଲାଦିନରୁ ହିଁ ଏହାକୁ ଶିଖାଇବା ଜରୁରୀ। ଯେତେବେଳେ ପିଲାମାନେ ସେମାନଙ୍କର ବାପାମାଆଙ୍କୁ ଲୋକମାନଙ୍କ ସହିତ ମିଳାମିଶା କରିବା ଦେଖନ୍ତି, ସେମନେ ବନ୍ଧୁତା କରିବାର ମହତ୍ତ୍ୱ ବୁଝନ୍ତି ଆଉ ସେମାନେ ମଧ ବନ୍ଧୁତା ସ୍ଥାପନ କରିବାକୁ ଚେଷ୍ଟା କରନ୍ତି ଏବଂ ସେମାନଙ୍କ ବୟସର ପିଲାମାନଙ୍କ ସହିତ ବନ୍ଧୁତ୍ୱର ହାତ ବଢାନ୍ତି।

ବାସ୍ତବରେ, ଅନେକ ଥର ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଅତ୍ୟଧିକ ସୁରକ୍ଷିତ ରଖନ୍ତି ଏବଂ ସେମାନଙ୍କୁ କୁଆଡେ ଏକୁଟିଆ ଛାଡନ୍ତି ନାହିଁ କି ସେମାନଙ୍କୁ ନିଜ ବୟସର ପିଲାମାନଙ୍କ ସହିତ ମିଶିବାକୁ ଦିଅନ୍ତି ନାହିଁ। ବିଦ୍ୟାଳୟ ଛଡା ସେମାନେ ଘରେ ମଧ ସମସ୍ତ ଟ୍ୟୁସନ ଦେବାର ବ୍ୟବସ୍ଥା କରନ୍ତି।

ଏପରି ପରିସ୍ଥିତିରେ, ପିଲାମାନେ ସାମାଜିକ ହେବାକୁ ଅସମର୍ଥ ଏବଂ ଅନ୍ୟମାନଙ୍କ ସହିତ ମିଶିବାକୁ ଲଜ୍ଜା ଅନୁଭବ କରିବା ଆରମ୍ଭ କରନ୍ତି। ଏହିପରି ପିଲାମାନଙ୍କୁ ଜୀବନସାରା ବନ୍ଧୁତା କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଏହିପରି ପରିସ୍ଥିତିକୁ ଏଡାଇବା ପାଇଁ ବାପାମାଆମାନଙ୍କ ପାଇଁ ପିଲାମାନଙ୍କୁ ବନ୍ଧୁତା ଶିଖାଇବା ଜରୁରୀ ଅଟେ। ତେବେ ପିଲାମାନେ କିପରି ଅନ୍ୟମାନଙ୍କ ସହ ମିଶିବେ ସେନେଇ କେତେକ ଟିପ୍ସ ଜାଣିନେବା।

*ବନ୍ଧୁତ୍ୱର ମହତ୍ତ୍ୱ କୁହନ୍ତୁ:*

ଛୋଟ ପିଲାମାନଙ୍କୁ ବନ୍ଧୁତ୍ୱର ମହତ୍ତ୍ୱ ବିଷୟରେ କୁହନ୍ତୁ ଏବଂ ସେମାନଙ୍କୁ ଶିକ୍ଷା ଦିଅନ୍ତୁ ଯେ ବନ୍ଧୁ ହେବା ଅର୍ଥ କେୟାର କରିବ, ଶେୟାର୍ କରିବା, ଜଣେ ଭଲ ଶ୍ରୋତା ହେବା ଏବଂ ଯଦି ବନ୍ଧୁ ଦୁଃଖ କିମ୍ବା କଷ୍ଟରେ ଥାଆନ୍ତି ତେବେ ତାଙ୍କୁ ଭଲ କରିବାକୁ ଚେଷ୍ଟା କରିବା।

*ବନ୍ଧୁମାନଙ୍କ ସହ ଭଲ ବ୍ୟବହାର:*

ବାପାମାଆମାନେ ପିଲାମାନଙ୍କ ପାଇଁ ସର୍ବୋତ୍ତମ ଆଦର୍ଶ ଅଟନ୍ତି, ତେଣୁ ଆପଣଙ୍କର ପିଲାମାନଙ୍କୁ କୁହନ୍ତୁ ଯେ ଆପଣଙ୍କର ବନ୍ଧୁ କିପରି ଆପଣଙ୍କର ସମସ୍ୟାର ସମାଧାନ କରିଛନ୍ତି, ଆପଣଙ୍କର ଜିନିଷଗୁଡ଼ିକର ଯତ୍ନ ନେଇଛନ୍ତି ଏବଂ ଆପଣ ଆପଣଙ୍କର ସାଙ୍ଗମାନଙ୍କ ପାଇଁ କେତେ ଧ୍ୟାନ ଦିଅନ୍ତି।

*ମିଳାମିଶା ଜରୁରୀ:*

ପିଲାମାନଙ୍କୁ ସେମାନଙ୍କ ସାଙ୍ଗମାନଙ୍କ ସହିତ କିଛି ସମୟ କାଟିବାକୁ ସୁଯୋଗ ଦିଅନ୍ତୁ। ଯଦି ପିଲା ପାର୍କ କିମ୍ବା ଗ୍ରାଉଣ୍ଡରେ ତାଙ୍କର କୌଣସି ସାଙ୍ଗଙ୍କୁ ଭେଟିବାକୁ ଚାହାଁନ୍ତି, ତେବେ ତାଙ୍କୁ ଉତ୍ସାହିତ କରନ୍ତୁ ଏବଂ ତାଙ୍କ ବୟସର ସାଙ୍ଗମାନଙ୍କ ସହ ଖେଳାଖେଳି କରିବାକୁ ସୁଯୋଗ ଦିଅନ୍ତୁ।

*ନୂଆ ବନ୍ଧୁ କରିବା ଶିଖାନ୍ତୁ:*

ଆପଣ ନିଜ ପିଲାମାନଙ୍କୁ କହିପାରିବେ ଯେ ଯେତେବେଳେ ବି କାହାକୁ ଭେଟିବେ ହସି ହସି ମିଶିବେ ଏବଂ ବିନା ସଂକୋଚରେ ନିଜ ନାଁ ପ୍ରକାଶ କରିବେ। ସେମାନେ କିପରି ସେମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବେ ଏବଂ ତାଙ୍କୁ ନିଜ ଘରକୁ କିମ୍ବା ଖେଳ ସ୍ଥାନକୁ ନିମନ୍ତ୍ରଣ କରିବେ କୁହନ୍ତୁ।

*ଶେୟାରିଂ ଏବଂ କେୟାରିଂ ଶିଖାନ୍ତୁ:*

ଘରେ ପିଲାମାନଙ୍କୁ ଶେୟାରିଂ ଶିଖାଇବା ଜରୁରୀ। ଏହିପରି ଭାବରେ, ପିଲାଙ୍କୁ ତାଙ୍କର ଖେଳନା, ପୁସ୍ତକ ଇତ୍ୟାଦି ଶେୟାର କରିବାର ମହତ୍ତ୍ୱ କୁହନ୍ତୁ ଏବଂ ସେମାନଙ୍କୁ ନିଜ ଭାବନା ଉପରେ ନିୟନ୍ତ୍ରଣ କରିବାକୁ ଶିଖାନ୍ତୁ।

# ପ୍ରତିଦିନ ଖଜୁରି ଖାଉଛନ୍ତି କି ? ଓଜନ ବୃଦ୍ଧିର ହୋଇପାରେ କାରଣ...

ଶରୀରକୁ ସୁସ୍ଥ ରଖିବାକୁ ଆମେ ଅନେକ ଚେଷ୍ଟା କରୁ । ଏଥିପାଇଁ ଭଲ ଖାଦ୍ୟ ମଧ ଖାଇଥାଉ । ଯାହା ଆମ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । କିନ୍ତୁ ଏପରି କିଛି ଖାଦ୍ୟ ରହିଛି ଯାହା ଶରୀର ପାଇଁ କିଛି ମାତ୍ରାରେ ଲାଭଦାୟକ ହୋଇଥିବା ବେଳେ କିଛି ମାତ୍ରାରେ ଖରାପ ମଧ କରିଥାଏ। ଏପରି ଏକ ଜିନିଷ ହେଉଛି ଖଜୁରୀ । ଯାହା ସ୍ୱାସ୍ଥ୍ୟ ପାଇଁ ବେଶ ଉପରକାରୀ । ଏଥିରେ ମ୍ୟାଗ୍ନେସିୟମ୍, ଭିଟାମିନ୍ କେ, କପର, ସେଲେନିୟମ୍, ପ୍ରୋଟିନ୍, ଫାଇବର ଭରପୁର ମାତ୍ରାରେ ରହିଥାଏ । ଖଜୁରୀ ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ରକ୍ତଚାପକୁ ନିୟନ୍ତ୍ରଣ କରିବା, ମସ୍ତିଷ୍କ ଏବଂ ହାଡକୁ ମଜବୁତ କରିବାରେ ଖୁବ ଲାଭଦାୟକ ଅଟେ ।



ଖଜୁରୀରେ ପୋଷକ ତତ୍ତ୍ୱ ସହିତ କ୍ୟାଲୋରି ବି ବହୁତ ମାତ୍ରାରେ ରହିଥାଏ । ଅର୍ଥାତ୍ ୧୦୦ ଗ୍ରାମ ଖଜୁରୀରେ ୨୭୭ କ୍ୟାଲୋରୀ ମିଳିଥାଏ । ଖଜୁରୀରେ ଅଧିକ ମାତ୍ରାରେ କ୍ୟାଲୋରୀ ରହିଥାଏ, ଯାହା ଶରୀରର ଓଜନ ବୃଦ୍ଧିର କାରଣ ହୋଇପାରେ । ଏହାକୁ ଅଧିକ ଖାଇବା ଦ୍ୱାରା ଓଜନ ବଢିଥାଏ। ଯଦି ପ୍ରତିଦିନ ଖଜୁରୀ ଖାଉଛନ୍ତି, ତେବେ ଦିନକୁ ଦୁଇଟି ଖଜୁରୀ ଖାଆନ୍ତୁ । ଏହା ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବ । କିନ୍ତୁ ଯଦି ଓଜନ ବଢାଇବାକୁ ଚାହୁଁଛନ୍ତି ତେବେ ଦିନକୁ ୪ଟି ଖଜୁରୀ ଖାଇପାରିବେ । ଆପଣ ଖଜୁରୀକୁ ରାତିସାରା ପାଣିରେ ଭିଜାଇ ସକାଳେ ଖାଇପାରିବେ। କିନ୍ତୁ ଏହାକୁ ଖାଦ୍ୟ ଖାଇବାର ତୁରନ୍ତ ପରେ ଖାଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ତେଣୁ ଅଧିକ ଖଜୁରୀ ଖାଇବା ଠାରୁ ଦୂରେଇ ରହିବ ଉଚିତ୍ ।

# ପାଚିଲା ଭଣ୍ଡା ସହ ଖାଆନ୍ତୁନି ଏହି ସବୁ ଖାଦ୍ୟ, ଶରୀର ପାଇଁ ହୋଇପାରେ ବିପଦ !



ପାଚିଲା ଭଣ୍ଡା । ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । କିନ୍ତୁ ପାଚିଲା ଭଣ୍ଡା ଏହି ସବୁ ଜିନିଷ ଖାଇଲେ ହୋଇପାରେ ଘାତକ । ପାଚିଲା ଭଣ୍ଡା ସହ ଦହି ଖାଇବା ଶରୀର ପାଇଁ କ୍ଷତିକାରକ । ଏହା ଥଣ୍ଡା, କାଶ ହେବାର କାରଣ ହୋଇଥାଏ । ଏକାଠି ଖାଇବାକୁ ହେଲେ ୧ ଘଣ୍ଟାର ବ୍ୟବଧାନ ରଖନ୍ତୁ । ଭଣ୍ଡା ସହ କମଳା ଖାଇବା ବେଶ୍ ଖତରନାକ୍ । ପାଚିଲା ଭଣ୍ଡାର ସ୍ୱାଦ ମିଠା ଏବଂ କମଳାର ସ୍ୱାଦ ଖଟା । ଏହାକୁ ଖାଇଲେ ଡାଇରିଆ, ବଦହଜମୀ ହୋଇପାରେ । ପାଚିଲା ଭଣ୍ଡା ସହ କ୍ଷୀର ପିଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟାର ଦେଖା ଦେଇପାରେ । ଏକାଠି ଖାଇବାକୁ ହେଲେ ୩୦ ମିନିଟ୍‌ର ବ୍ୟବଧାନ ରଖିପାରିବେ । ପାଚିଲା ଭଣ୍ଡା ସହ କଲରା ଖାଇବା ଦେହ ପାଇଁ ଅତ୍ୟନ୍ତ ହାନୀକାରକ । ଭଣ୍ଡାରେ ପାଣି ଅଧିକ ଥିବାରୁ ଏହା ଶରୀରକୁ ହାଇଡ୍ରେଟ୍ କରିଥାଏ । କିନ୍ତୁ କଲରା ଶରୀରରୁ ପାଣି ଅବଶୋଷିତ କରିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ ପାଚିଲା ଭଣ୍ଡା ସହ ଲେମ୍ବୁ ଦେହ ପାଇଁ ହାନୀକାରକ । ଏକାସଙ୍ଗେ ଏହାକୁ ଖାଇବା ଦ୍ୱାରା ଶରୀରର ପାଚନ ତନ୍ତ୍ର ଖରାପ ହୋଇଥାଏ । ଏପରିକି ରକ୍ତ ସମ୍ବନ୍ଧୀୟ ସମସ୍ୟା ବି ଏଥିରୁ ହୋଇଥାଏ । ଏଣୁ ଏହି ସବୁ ଜିନିଷକୁ ଏକାଠି ଖାଇବାଠାରୁ ଦୂରେଇ ରହିବା ଉଚିତ୍ ।



# ରସୁଣକୁ ତକିଆ ତଳେ ରଖି ଶୋଇଲେ ହୋଇଥାଏ ଖୁବ୍ ଲାଭ



ରସୁଣକୁ ସାଧାରଣତଃ ଆମେ ତରକାରୀ କିମ୍ବା ଆଚାରରେ ବ୍ୟବହାର କରୁ । ଏହା ଖାଦ୍ୟରେ ସ୍ୱାଦ ଆଣିବାରେ ଖୁବ୍ ସହାୟକ ହୋଇଥାଏ । କିନ୍ତୁ ଜାଣନ୍ତି କି ବିଭିନ୍ନ ରୋଗକୁ ରୋକିବା ସହାୟକ ହୋଇଥାଏ ରସୁଣ । ବିଶେଷଜ୍ଞଙ୍କ ଅନୁଯାୟୀ, ରସୁଣକୁ ତକିଆ ତଳେ ରଖି ଶୋଇଲେ ଏହା ଖୁବ୍ ଲାଭ ଦେଇଥାଏ । ଆସନ୍ତୁ ଜାଣିବା... ରାତିରେ ରସୁଣକୁ ମୁଣ୍ଡ ତଳେ ରଖି ଶୋଇଲେ ମସ୍ତିଷ୍କ ସୁସ୍ଥ ରହିଥାଏ । ଏହା ଚିନ୍ତା ଦୂର କରିବାରେ ସହାୟକ ହୋଇଥାଏ । ଏହାବ୍ୟତୀତ ଜୀବନରେ ନକାରାତ୍ମକ ଶକ୍ତି ଦୂର ହୋଇ ସକରାତ୍ମକ ଶକ୍ତିରେ ପରିପୂର୍ଣ୍ଣ ହୋଇଥାଏ । ବିଶେଷଜ୍ଞ ଅନୁଯାୟୀ ଶିରା ଏବଂ ଧମନୀ ସମସ୍ୟା ଥିବା ଲୋକମାନେ ରସୁଣ ବ୍ୟବହାର କଲେ ଭଲ । ରସୁଣ ହୃଦଘାତ ଓ ଯକୃତ ରୋଗରେ ଆକ୍ରାନ୍ତ ଲୋକଙ୍କ ପାଇଁ ଏକ ଉପଯୁକ୍ତ ଔଷଧ । ରସୁଣ ରକ୍ତକୁ ଶୁଦ୍ଧ କରିଥାଏ। ଧମନୀକୁ ସଫା ରଖେ। ଏହାବ୍ୟତୀତ ଗରମ କ୍ଷୀରରେ ରସୁଣକୁ ଛେଚି ପକାଇ ମହୁ ସହ ମିଶାଇ ପିଇଲେ ରାତିରେ ନିଜ ଭଲ ହୋଇଥାଏ । ବିପି ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ ରସୁଣ ।

# ବାପାମାଆଙ୍କର ଏହି ୪ଟି ଭୁଲ୍ ପିଲାମାନଙ୍କୁ କରିଦିଏ ଖରାପ; ଜାଣନ୍ତୁ ଏସବୁ କ'ଣ...

ପିଲାମାନଙ୍କର ଲାଳନ ପାଳନ ଉପାୟ ହିଁ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରେ, ନଚେତ ସେମାନଙ୍କୁ ନଷ୍ଟ କରିପାରେ। ବାପାମାଆଙ୍କ ଅଭ୍ୟାସ ଏବଂ ପିଲାମାନଙ୍କୁ ପ୍ରତିପୋଷଣର ତରିକା ହିଁ ପିଲାମାନଙ୍କ ଉପରେ ବହୁତ ପ୍ରଭାବ ପକାଇଥାଏ। ତେବେ ଆସନ୍ତୁ ବାପାମାଆଙ୍କ କେଉଁ ବ୍ୟବହାର ପିଲାମାନଙ୍କୁ ନଷ୍ଟ କରିବାରେ ସହାୟ ହୁଏ ସେ ବିଷୟରେ ଜାଣିନେବା।



ପ୍ରତ୍ୟେକ ପିଲା ସମାନ ନୁହନ୍ତି। କେହି କେହି ଉତ୍ତମ ବ୍ୟବହାର ଦେଖାଉଥିବା ବେଳେ ଆଉ କେହି ଖରାପ ବ୍ୟବହାର ମଧ ଦେଖାଇଥାନ୍ତି। ତେବେ ପିଲାମାନଙ୍କର ଲାଳନ ପାଳନ ଉପାୟ ହିଁ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରେ ନଚେତ ସେମାନଙ୍କୁ ନଷ୍ଟ କରିବାରେ ଏହା ମୁଖ୍ୟ କାରଣ ହେବ। ବାପାମାଆଙ୍କର ଅଭ୍ୟାସ ଏବଂ ପିଲାମାନଙ୍କୁ ପ୍ରତିପୋଷଣର ତରିକା ହିଁ ପିଲାମାନଙ୍କ ଉପରେ ବହୁତ ପ୍ରଭାବ ପକାଇଥାଏ।

ବେଳେବେଳେ ପିଲା ମିଛ କହିବା ଅଭ୍ୟାସ, ପିଲାଟିର କିଛି କରିବାକୁ ମନା କରିବାର ଅଭ୍ୟାସ ଏବଂ ପିଲାଟିର ସବୁ କଥାରେ ଯୁକ୍ତିତର୍କ କରିବାର ଅଭ୍ୟାସ ମଧ ବାପାମାଆଙ୍କ ପାଳନରେ ହୋଇଥିବା ଭୁଲ ହେତୁ ହୋଇପାରେ। ତେବେ ଆସନ୍ତୁ ବାପାମାଆଙ୍କ କେଉଁ ବ୍ୟବହାର ପିଲାମାନଙ୍କୁ ନଷ୍ଟ କରିବାରେ ସହାୟ ହୁଏ ସେ ବିଷୟରେ ଜାଣିନେବା।

ପିଲାମାନଙ୍କୁ ମିଛ କହିବା:

ଅନେକ ସମୟରେ ଦେଖାଯାଏ ଯେ ବାପାମାଆମାନେ ଥଟ୍ଟା-ମଜା କରିବା ପାଇଁ କିମ୍ବା କାହା ସହିତ କୌଣସି ଝଗଡା ନ ହେବା ପାଇଁ ନିଜ ପିଲାମାନଙ୍କୁ ମିଛ କହିବା ଆରମ୍ଭ କରନ୍ତି। ପିଲାମାନେ ସେମାନଙ୍କର ବାପାମାଆଙ୍କର ଏହି ମିଛ କହିବାର ଅଭ୍ୟାସକୁ ଶୀଘ୍ର ଧରିଥାନ୍ତି ଏବଂ ନିଜେ ମଧ ମିଛ କହିବା ଆରମ୍ଭ କରନ୍ତି। ପ୍ରଥମେ ପ୍ରଥମେ ଏହି ମିଛଗୁଡ଼ିକ ଛୋଟକାଟିଆ ଏବଂ ପରେ ଏହା ବୃଦ୍ଧି ପାଇଥାଏ।



ପିଲାମାନଙ୍କ ଭାବପ୍ରବଣତାକୁ ରୋକିବା:

ଅନେକ ବାପାମାଆ ସେମାନଙ୍କ ପିଲାମାନଙ୍କୁ କୁହନ୍ତି ଯେ କାନ୍ଦିବା ଭଲ ନୁହେଁ କିମ୍ବା ସବୁବେଳେ ହସିବା ଠିକ୍ ନୁହେଁ କିମ୍ବା ଖରାପ ଲାଗିଲେ ବି ରାଗିବା ଉଚିତ ନୁହେଁ। ଏହିପରି କଥା ପିଲାମାନଙ୍କୁ ଗଭୀର ଭାବେ ଆଘାତ ଦେଇଥାଏ। ଏଭଳି କ୍ଷେତ୍ରରେ ପିଲାମାନେ ନିଜର ଭାବନାକୁ ବୁଝିବାକୁ ଅକ୍ଷମ ହୁଅନ୍ତି ଏବଂ ସେମାନଙ୍କର ଭାବପ୍ରବଣତାର ବିକାଶ ମଧ ଠିକ୍ ଭାବରେ ହୁଏ ନାହିଁ। ଏହିପରି ପିଲାମାନେ ମଧ ଅସମ୍ବେଦନଶୀଳ କିମ୍ବା ଅଧିକ ଭାବପ୍ରବଣ ହୋଇପାରନ୍ତି।

ପିଲାମାନଙ୍କ ପାଇଁ ସମସ୍ତ ନିଷ୍ପତ୍ତି ନିଜେ ନେବା:

ଯେତେବେଳେ ପିଲାମାନେ ବଡ ହୋଇଯାଆନ୍ତି, ବାପାମାଆ ଅଭିଯୋଗ କରନ୍ତି ଯେ ସେମାନେ କାହିଁକି ନିଜ ନିଷ୍ପତ୍ତି ନିଜେ ନ ନେବେ କିମ୍ବା ପିଲାମାନେ କାହିଁକି ସବୁ କଥାକୁ ନେଇ ଭୟଭୀତ। ଏମିତି ହେବାର ପ୍ରମୁଖ କାରଣ ଏହା ମଧ ହୋଇପାରେ ଯେ ବାପାମାଆମାନେ ସେମାନଙ୍କର ପିଲାମାନଙ୍କୁ ପିଲାଦିନରୁ କୌଣସି ନିଷ୍ପତ୍ତି ନେବାକୁ ଦିଅନ୍ତି ନାହିଁ। ଯେତେବେଳେ ଏଭଳି ସମୟ ଆସେ ପିଲାମାନେ କିଛି କରିବା ପୂର୍ବରୁ ଶହେ ଥର ଭାବନ୍ତି ଏବଂ କିଛି କରିବାକୁ ଭୟ କରନ୍ତି। ଏହି କାରଣରୁ, ପିଲାମାନଙ୍କର ସମସ୍ୟା ସମାଧାନ କୌଶଳ ବିକାଶ ହୋଇପାରେ ନାହିଁ।

ପିଲାମାନଙ୍କ ସାମ୍ନାରେ ଝଗଡା କରିବା:

ପ୍ରାୟ ବାପାମାଆମାନେ ଭାବନ୍ତି ଯେ ସେମାନଙ୍କ ପିଲାମାନଙ୍କ ସାମ୍ନାରେ ଟିକିଏ କଳି ଝଗଡା କରିବାରେ କୌଣସି କ୍ଷତି ନାହିଁ। କିନ୍ତୁ, ପିଲାମାନେ ଏହି କଳି ଝଗଡାରୁ ବହୁତ କିଛି ଶିଖନ୍ତି। ପିଲାମାନେ ସେମାନଙ୍କ ବାପାମାଆଙ୍କ ସହ ଯୁକ୍ତିତର୍କ କରିବା ଆରମ୍ଭ କରନ୍ତି ଏବଂ ସେମାନେ ଭାବନ୍ତି ଯେ ଏହିପରି ଯୁକ୍ତିତର୍କ କରିବାରେ କୌଣସି ଅସୁବିଧା ନାହିଁ କାରଣ ବାପାମାଆ ମଧ ପରସ୍ପର ସହ ଏମିତି ହୋଇଥାନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସ୍ୱୀକାର କରିବାକୁ ହେବ...

ଗତ ଶନିବାର ଦିନ ପରିସଂଖ୍ୟାନ ମନ୍ତ୍ରଣାଳୟ ପରିବାର ଉପଭୋଗ ବ୍ୟୟ ସର୍ବେକ୍ଷଣ (ଏଚ୍‌ସିଇଏଚ୍) ରିପୋର୍ଟ ପ୍ରକାଶ କରିଛନ୍ତି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପୋର୍ଟ, କାରଣ ଏହି ରିପୋର୍ଟ ତୃଣମୂଳ ସ୍ତରରେ ପରିବାରମାନଙ୍କର ଚଳଣିକୁ ପ୍ରତିଫଳିତ କରିଥାଏ। ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍) ଦ୍ୱାରା ପ୍ରତି ପାଞ୍ଚ ବର୍ଷରେ ଥରେ କରାଯାଉଥିବା ଏହି କାର୍ଯ୍ୟର ୨୦୧୭-୧୮ ଫଳାଫଳକୁ ସରକାର 'ଗୁଣାତ୍ମକ ମାନ ପ୍ରସଙ୍ଗ'ର ଅଭାବ ରହିଥିବା ଦର୍ଶାଇ ଅଳିଆ ଗଦାକୁ ପଠାଇ ଦେଇଥିଲେ। ସେ ଯାହାହେଉ, ଚଳିତ ଥରର ରିପୋର୍ଟ ମୋଟାମୋଟି ବିଭିନ୍ନ ତଥ୍ୟ ମାଧ୍ୟମରେ ଦର୍ଶାଇଛି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପରିବାରମାନଙ୍କ ଚଳଣିରେ ଅନେକ କିଛି ପରିବର୍ତ୍ତନ ଘଟିଛି । ତେବେ ଏହାର ବିପରୀତ ପାର୍ଶ୍ୱକୁ ଅବଲୋକନ କରିବା। ନିକଟରେ ଭାରତରେ କୁପୋଷଣ ଏବଂ ଅନାହାର-ସମ୍ପର୍କିତ ମୃତ୍ୟୁ ସମ୍ପର୍କିତ ଏକ ପିଟିସନ୍ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କ ଉପରେ ସାଧାରଣ ସୁବିଧା ସୁଯୋଗଗୁଡ଼ିକରୁ ବଞ୍ଚିତ ଓ ଅବହେଳିତ ବର୍ଗର ଲୋକମାନଙ୍କୁ ମାଗଣାରେ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଗୋଷ୍ଠୀଗତ ପାକଶାଳା ଆରମ୍ଭ କରିବାର ଧାରଣାଟିଏ ପ୍ରଦାନ କରିଛନ୍ତି । ଏହି ଯାଚିକା ଉପରେ ଶୁଣାଣି ସମୟରେ କେନ୍ଦ୍ର ସରକାର ଦେଶରେ ଅନାହାର ମୃତ୍ୟୁ ଘଟିବାର କଥାକୁ ଅସ୍ୱୀକାର କରିଥିଲେ ଏବଂ ଦାବି କରିଥିଲେ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ଅନାହାର ଏବଂ କୁପୋଷଣର ଆହ୍ୱାନଗୁଡ଼ିକୁ ସମାଧାନ କରିବାରେ ସକ୍ଷମ ହୋଇଛି । ହାତୀ ମାରି କୁଲା ଘୋଡ଼େଇବାର ଉଦ୍ୟମ ଅର୍ଥାତ୍ ସମ୍ଭାବ୍ୟ ଅନାହାର ମୃତ୍ୟୁ ଉପରେ ପରଦା ପକାଇବା ସରକାରମାନଙ୍କ ଦ୍ୱାରା କରାଯାଉଥିବା କିଛି ନୂଆ କଥା ନୁହେଁ: ଚିନ୍ତାର କଥା ହେଉଛି ଯେ ବିନା ଆହାର ଯୋଗୁଁ ସୃଷ୍ଟ ଅନ୍ୟାନ୍ୟ ରୋଗର ଲକ୍ଷଣଗୁଡ଼ିକ ଶାରୀରିକ ନିଧନ ଦିଗରେ ପଥ କଢ଼ାଇ ନେଉଥିବା ବେଳେ ଏହି ଲୋକମାନଙ୍କର ଯେ ଅନାହାର ଯୋଗୁଁ ମୃତ୍ୟୁ ହୋଇଛି, ତାହା ନ ଦର୍ଶାଇ ଏହା ଅନ୍ୟାନ୍ୟ କାରଣରୁ ହୋଇଥିବା ଦର୍ଶାଇବାର କାର୍ଯ୍ୟ ଅମଲାତନ୍ତ୍ର ନିମନ୍ତେ ସହଜ ହୋଇ ଯାଇଥାଏ। ସମାଜରେ ବେଳକୁ ବେଳ ଗଭୀରରୁ ଗଭୀରତର ହୋଇ ଚାଲିଥିବା ଅସମାନତା, ଯାହା ସମ୍ପର୍କରେ ସଦ୍ୟତମ ଅକ୍ସଫାମ୍ ରିପୋର୍ଟ ଉଲ୍ଲେଖ କରିଛି, ଦୁର୍ନୀତି ଏବଂ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାରେ ରହିଥିବା ଘଳିଆ, ଦାରିଦ୍ର୍ୟ, କୃଷି କ୍ଷେତ୍ରର ସଂକଟ ତଥା ଉଦୀୟମାନ ଜଳବାୟୁ ପରିବର୍ତ୍ତନଜନିତ ହାନି ହେଉଛି କେତେକ କାରଣ ଯାହା ୨୦୨୩ରେ ଭାରତକୁ ବିଶ୍ୱ ଅନାହାର ସୂଚକରେ ୧୨୫ଟି ଦେଶଙ୍କ ତାଲିକାରେ ଭାରତକୁ ୧୧୧ତମ ସ୍ଥାନରେ ଅବସ୍ଥାପିତ କରିଥିଲା। ତେବେ ଏହି ରିପୋର୍ଟ ତୃଣମୂଳ ସ୍ତରର ବାସ୍ତବତାକୁ ପ୍ରତିଫଳିତ କରି ନଥିବା ଦାବି କରି କେନ୍ଦ୍ର ସରକାର ଏହାକୁ ଖାରଜ କରି ଦେବାର କୌଶଳ ପ୍ରୟୋଗ କରିଥିଲେ, ଯେଉଁ କୌଶଳ ସାଧାରଣତଃ ସରକାର ସାମାଜିକ-ଅର୍ଥନୀତିକ ବାସ୍ତବତାଗୁଡ଼ିକର ମଳିନ ଚିତ୍ର ଉପସ୍ଥାପନ କରୁଥିବା ରିପୋର୍ଟଗୁଡ଼ିକ କ୍ଷେତ୍ରରେ ଉପଯୋଗ କରିଥାନ୍ତି । ଏମିତିକି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଛଅ ବର୍ଷରୁ କମ୍ ବୟସର ପାଖାପାଖି ୭.୪୪ କୋଟି ପିଲାଙ୍କ ସମ୍ପର୍କରେ ଯେଉଁ ରକ୍ଷଣଶୀଳ ହିସାବଟିଏ ପ୍ରଦାନ କରାଯାଇଛି, ତାହା ଦର୍ଶାଇଛି ଯେ ଏହି ପିଲାମାନଙ୍କ ମଧ୍ୟରୁ ୩୭.୫୧ ପ୍ରତିଶତ ପିଲା ସେମାନଙ୍କ ବୟସ ତୁଳନାରେ କମ୍ ଉଚ୍ଚତା (ଷ୍ଟଣ୍ଟେଡ୍)ର ଥିବା ବେଳେ ୧୭.୪୩ ପ୍ରତିଶତ ଥିଲେ କମ୍ ଓଜନର ଏବଂ ୬ ପ୍ରତିଶତ ଥିଲେ ବୟସ ତୁଳନାରେ କମ୍ ଓଜନ (ୱେଷ୍ଟେଡ୍)ବିଶିଷ୍ଟ। ସରକାର ୮୦ କୋଟି ଭାରତୀୟଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଉ ଥିବାର ତଥ୍ୟ ଏହା ପ୍ରମାଣିତ କରୁଛି ଯେ ଯେଉଁମାନେ ସମାଜରେ ନିମ୍ନ ସ୍ତରରେ ରହିଛନ୍ତି, ସେମାନେ ଆହାର ଦୃଷ୍ଟିରୁ ସୁରକ୍ଷିତ ନୁହନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ କି କେନ୍ଦ୍ର ସରକାର ଏସବୁ ତଥ୍ୟକୁ ବିନା ଦ୍ୱିଧାରେ ଅସ୍ୱୀକାର କରି ପାରିବେ, କାରଣ ବିରୋଧୀମାନେ ଅନାହାର ଏବଂ ତଜ୍ଜନିତ ମୃତ୍ୟୁକୁ ଏକ ପ୍ରଭାବଶାଳୀ ନିର୍ବାଚନୀ ଅସ୍ତ୍ର ଭାବରେ ଏଯାବତ୍ ପରିଣତ କରିପାରି ନାହାନ୍ତି । କିନ୍ତୁ ଏଥିରେ ସନ୍ଦେହ ମଧ ନାହିଁ ଯେ ଖାଦ୍ୟ ସୁରକ୍ଷା ହାସଲ କରିବା ନିମନ୍ତେ ଭାରତ ଏକ ଚାଲୁ ରହିଥିବା ସଂଗ୍ରାମରେ ଲଢ଼ି ଚାଲିଛି । ଇତ୍ୟବସରରେ ନୂଆ ନୂଆ ଆହ୍ୱାନଗୁଡ଼ିକ ମଧ ସମ୍ମୁଖକୁ ଆସୁଛି, ଯେପରିକି ଲୋକମାନଙ୍କ ଅଧିକାରରୁ ଅନାହାରକୁ ବିଚ୍ଛିନ୍ନ କରିବା, ବହୁବିଧ ଆହାର ଉପରେ ଆଦର୍ଶଗତ ଅତିକ୍ରମଣ, ଏବଂ ଖରାପରୁ ଖରାପ ଆଡ଼କୁ ଗତି କରୁଥିବା ପାରିବେଶିକ ମାପଦଣ୍ଡ କାରଣରୁ ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପଡୁଥିବା ଚାପ ଇତ୍ୟାଦି । କହିବା ବାହୁଲ୍ୟ, ନୀତି ନିର୍ମାତାମାନେ ଏସବୁ ଉପରେ କାର୍ଯ୍ୟ କରିବା ଉଚିତ, କିନ୍ତୁ ଏଭଳି କାର୍ଯ୍ୟକୁ ପ୍ରଭାବଶାଳୀ କରାଇବାକୁ ହେଲେ ପ୍ରଥମେ ସମାଜରେ ଅନାହାର ଏବେ ସୁଦ୍ଧା ତିଷ୍ଠି ରହିଥବାକୁ ସ୍ୱୀକାର କରିବାକୁ ପଡ଼ିବ ।

# ବିଦେଶ ନୀତିରେ ପରିବର୍ତ୍ତନ



## ସୌମେନ୍ଦ୍ର ଜେନା

ଜର୍ମାନୀର ମ୍ୟୁନିକ୍ ସହରରେ ୬୦ତମ ମ୍ୟୁନିକ ସୁରକ୍ଷା ସମ୍ମିଳନୀ ଫେବୃଆରୀ ୧୬ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମ୍ୟୁନିକ୍ ସହରସ୍ଥିତ ହୋଟେଲ ବୟେରିଶ୍ଚର ହଫଠାରେ ଏହି ସମ୍ମିଳନୀରେ ପୃଥିବୀର ଅନେକ ଦେଶର ନେତୃବୃନ୍ଦ ଯୋଗଦାନ କରିଥିଲେ । ଚଳିତ ବର୍ଷର ସମ୍ମିଳନୀର ଅଧ୍ୟକ୍ଷ ଥିଲେ ଆମେରିକାରେ କାର୍ଯ୍ୟରତ ଜର୍ମାନୀର ରାଷ୍ଟ୍ରଦୂତ ଖ୍ରୀଷ୍ଟୋଫ ହ୍ୟୁସଗେନ । ଆମେରିକାର ବିଦେଶ ସଚିବ ଆଣ୍ଟୋନୀ ବ୍ଲିଙ୍କେନ ଏବଂ ଜର୍ମାନୀର ବିଦେଶମନ୍ତ୍ରୀ ଆନ୍ନାଲେନା ବାଏରବକ୍‌ଙ୍କ ଉପସ୍ଥିତିରେ ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ଯେଉଁ ରୋକ୍‌ଠୋକ୍ ଉତ୍ତର ଦେଇଥିଲେ ତାହା ଏବେ ବିଶ୍ୱ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି । ଆମେରିକା ଏବଂ ଋଷିଆ ସହ ଭାରତର ବୈଦେଶିକ ସଂପର୍କରେ ସନ୍ତୁଳନକୁ ନେଇ ସେ ସ୍ପଷ୍ଟଭାବେ ଭାରତର ସ୍ଥିତିକୁ ମଜଭୁତ କରିଥିଲେ। ଭାରତ ଗୋଷ୍ଠୀ ନିରପେକ୍ଷରୁ ଗୋଷ୍ଠୀ ସମୂହ ଆଡକୁ ଯାତ୍ରା କରୁଛି କି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ "ଏଇଟା କଣ ଗୋଟେ ସମସ୍ୟା, ଏଇଟା କାହିଁକି ସମସ୍ୟା ହେବ? ଆପଣମାନେ ସେଥିପାଇଁ ମୋତେ ପ୍ରଶଂସା କରିବା ଉଚିତ୍ । ଏହା ଅନ୍ୟମାନଙ୍କ ପାଇଁ ଏକ ସମସ୍ୟା ବୋଲି ମୁଁ ଚିନ୍ତା କରୁନାହିଁ, ଅନ୍ତତଃପକ୍ଷେ ଏହି ବିଷୟରେ । ପ୍ରତ୍ୟେକ ଦେଶର ଅନେକଗୁଡିଏ ସମସ୍ୟା ଏବଂ ଘପ ରହିଛି, ଯାହା ସଂପର୍କରେ କଠିନତା ସୃଷ୍ଟି କରିଥାଏ।"

ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିବାପରେ ମଧ ଭାରତ ଶସ୍ତା ଦରରେ ଋଷିଆଠାରୁ ତୈଳକ୍ରୟ କରୁଥିବା ପ୍ରଶ୍ନର ଉତ୍ତରରେ ଜୟଶଙ୍କର କହିଥିଲେ "ଆପଣମାନେ ଅନେକଗୁଡିଏ କଥାକୁ ଏକାଠି ମିଶାଇଦେବା ହେଉଛି ପ୍ରକୃତ ସମସ୍ୟା । କାରଣ ଜୀବନ ଯେପରି ଜଟିଳତାରେ ପରିପୂର୍ଣ୍ଣ ଜୀବନ ସେମିତି ତଫାତ୍‌ରେ ମଧ ପୂର୍ଣ୍ଣ । ଭଲ ସହଯୋଗୀମାନେ ସୁବିଧା ପ୍ରଦାନ କରିଥାନ୍ତି, ଚତୁର ସହଯୋଗୀମାନେ ସେହିସବୁ ସୁଯୋଗକୁ ହାତେଇଥାନ୍ତି ।" ରୁଷିଆଠାରୁ ଶସ୍ତାଦରରେ ଭାରତ ତୈଳ କ୍ରୟ କରିବା ପରଠାରୁ ବିଶେଷ କରି ୟୁରୋପୀୟ ରାଷ୍ଟ୍ରଗୁଡିକ ଭାରତକୁ ଟାର୍ଗେଟ କରି ସମାଲୋଚନା କରି ଆସିଛନ୍ତି । ରୁଷିଆ-ଭାରତର ସଂପର୍କକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖିଆସିଛନ୍ତି । ଏକାଧିକବାର ମଧ ଭିନ୍ନ ଭିନ୍ନ ଆଲୋଚନାରେ ଏହି ପ୍ରସଙ୍ଗକୁ ଉଠାଇ ଆସିଛନ୍ତି । ଜୟଶଙ୍କର ଏ ବାବଦରେ ଭାରତର ସ୍ଥିତିକୁ ସ୍ପଷ୍ଟ କହିବାକୁ ଯାଇ କହିଥିଲେ, ଭାରତ ଅଣ-ପଶ୍ଚିମ ରାଷ୍ଟ୍ର ହୋଇ ମଧ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ସହ ପୂର୍ବାପେକ୍ଷା ଅଧିକ ଉତ୍ତମ ସଂପର୍କ ରଖିଆସିଛି । ଜି-୭ ଯେପରି ଜି-୨୦କୁ ସଂପ୍ରସାରିତ ହୋଇଛି ବ୍ରିକ୍ସର ସଦସ୍ୟମାନଙ୍କ ମଧ୍ୟରୁ ୫ ସଦସ୍ୟ ଜି ୨୦ର ପ୍ରମୁଖ ୧୩ ସଦସ୍ୟଙ୍କ ମଧ୍ୟରେ ରହିଛନ୍ତି । ସେ ଦୃଷ୍ଟିରୁ ଆମେ ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରିଆସିଛୁ । ଜୟଶଙ୍କରଙ୍କ କହିବା କଥା ହେଲା ଯେ ଭାରତ ନିଜର ଆବଶ୍ୟକତା ପାଇଁ ଋଷିଆରୁ ଶସ୍ତା ଦରରେ ତେଲ କିଣିବା ବେଳେ ଆମେରିକାଠାରୁ ମଧ ଅସ୍ତ୍ରଶସ୍ତ୍ର କିଣୁଛି। ଭାରତ ନିଜର ବିଦେଶ ନୀତିରେ ଦୁଇ ବୃହତ ଶକ୍ତିକୁ ନିଜର ସହଯୋଗୀ କରି ନିଜର ଆବଶ୍ୟକତା ପୂରଣ କଲାବେଳେ ଆବଶ୍ୟକ ସାହାଯ୍ୟ ମଧ କରିଆସୁଛି । ଏଥିରୁ ସ୍ପଷ୍ଟ ଯେ ଭାରତ ଅତୀତ ବର୍ଷମାନଙ୍କ ପରି କାହା ଉପରେ ମଥାନତ କରି କାର୍ଯ୍ୟକରିବ ନାହିଁ, କି କାହା ଏଜେଣ୍ଡା ଧରି କାର୍ଯ୍ୟ କରିବ ନାହିଁ, ବରଂ ନିଜର ସ୍ୱାର୍ଥରେ ହିଁ କାର୍ଯ୍ୟ କରିବ ।

ସେ ପୁଣି କହିଥିଲେ ଯେ ୟୁକ୍ରେନ-ଋଷିଆ ଯୁଦ୍ଧ ପର ଯେଉଁ କଟକଣା ଜାରି ହେଲା ତଦ୍ୱାରା ମଧ୍ୟପ୍ରାଚ୍ୟରେ ତୈଳଦର ଢେର ବଢିଗଲା । ୟୁରୋପର ଦେଶ ଚଢା ଦରରେ ତୈଳ କ୍ରୟ ପାଇଁ ସକ୍ଷମ ଥିଲାବେଳେ ଭାରତ ସେହି ଦରରେ ତୈଳ କ୍ରୟ କରିବା ଅସମ୍ଭବ ଥିଲା । ତେଣୁ ଭାରତ ପାଇଁ ଋଷିଆ ହିଁ ବିକଳ୍ପ ଥିଲା । କାରଣ ଋଷିଆଠାରୁ ଯେଉଁ ଦରରେ ଭାରତ ତୈଳ କ୍ରୟ କରୁଥିଲା ସେହି ଦରରେ କୌଣସି ବିଦେଶୀ ରାଷ୍ଟ୍ର ଭାରତକୁ ତୈଳ ଦେବାକୁ ପ୍ରସ୍ତୁତ ନଥିଲେ । ସେଥିପାଇଁ ଭାରତ ଋଷିଆଠାରୁ ପ୍ରତିବନ୍ଧକ ସତ୍ତ୍ୱେ ତୈଳ କ୍ରୟ ପାଇଁ ବାଧ ହେଲା । ଜୟଶଙ୍କର ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଦୋମୁହାଁ ନୀତି ପ୍ରସଙ୍ଗ ଉଠାଇ ଅତୀତରେ କିପରି ନାଟୋ ମେଣ୍ଟରେ ଥିବା ରାଷ୍ଟ୍ରଗୁଡିକ ବିଗତ ୫୦ ବର୍ଷ ଧରି ପାକିସ୍ଥାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଆସୁଥିବାବେଳେ ଭାରତକୁ ଅସ୍ତ୍ରଶସ୍ତ୍ର ଦେବାକୁ ପଛାଇ ଆସୁଥିଲେ ସେ ବିଷୟ ପ୍ରକାଶ କରିଥିଲେ । ଆଜି ଭାରତ ଉଭୟ ଆମେରିକା ଓ ଋଷିଆ ସହ ଉତ୍ତମ ସଂପର୍କ ରକ୍ଷା କରିଛି । ଏଥିପାଇଁ ଅନ୍ୟମାନେ ଭାରତକୁ ପ୍ରଶଂସା କରିବା ଦରକାର ବୋଲି କରିଥିଲେ ।

ଦେଖିବାକୁ ଗଲେ ବିଗତ ଦିନମାନଙ୍କର ଭାରତର ବିଦେଶ ନୀତି ସ୍ୱାଧୀନ, ଭାରତର ସ୍ୱାର୍ଥକୈନ୍ଦ୍ରିକ, ଶାଣିତ ଓ ସ୍ପଷ୍ଟ ହୋଇଛି । ଅତୀତରେ ଭାରତ ଅନେକ ବିଶ୍ୱମାମଲାରେ ନୀରବ ରହୁଥିଲା କିମ୍ବା ଦୁର୍ବଳ ନୀତିକୁ ଆପଣାଇ ବଡ ଗୋଷ୍ଠୀର ସମର୍ଥନ କରୁଥିଲା । କିନ୍ତୁ ବର୍ତ୍ତମାନର ସରକାରଙ୍କ ସମୟରେ ଭାରତର ବିଦେଶନୀତି ତୀକ୍ଷ୍ଣ ଓ ସ୍ପଷ୍ଟ ହୋଇଛି । ଯେମିତି ମାଳଦ୍ୱୀପ ମାମଲା ପରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆଲୋଚନା ପ୍ରସଙ୍ଗରେ କହିଥିଲେ ଯେ "ଭାରତୀୟମାନେ ପୂର୍ବରୁ ଅଧିକ ଟଙ୍କା ଖର୍ଚ୍ଚ କରି ଦେଶ ବାହାରକୁ ଯାଉଥିଲେ । କିନ୍ତୁ ଆଗାମୀ ଦିନରେ ଦେଶ ନିକଟରେ ଥିବା ଶ୍ରୀଲଙ୍କାକୁ ସେମାନେ ବୁଲିଯିବା ଲାଗି ଉଦ୍ୟମ କରିବା ଦରକାର ।" ଜୟଶଙ୍କରଙ୍କ ଏହି ବକ୍ତବ୍ୟ ମାଳଦ୍ୱୀପକୁ ଅଧିକ ଟଙ୍କା ଖର୍ଚ୍ଚ କରିଯାଉଥିବା ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲେ ହେଁ ଶ୍ରୀଲଙ୍କା ଏଥିରୁ ବେଶ୍ ଲାଭବାନ ହେଲା । ଅନ୍ୟ ଏକ ବିଷୟକୁ ବିଚାର କରାଯାଉ । ଦୀର୍ଘଦିନ ଧରି ଭାରତ ଭେଟୋ କ୍ଷମତା ପାଇବା ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ସଂଶୋଧନ ଲାଗି ଦାବି କରିଆସିଛି । କିନ୍ତୁ ପାଞ୍ଚଜଣ ଚୈଧୁରୀପ୍ରାୟ ରାଷ୍ଟ୍ର ଭେଟୋକୁ ନିଜ ହାତରେ ସବୁଦିନପାଇଁ ରଖିବାକୁ ଚାହୁଁଥିବା ଲକ୍ଷ୍ୟ କରି ଜାତିସଂଘରେ ଭାରତର ପ୍ରତିନିଧି ରୁଚିରା କମ୍ବୋଜ ଅତି କଠୋର ଭାଷାରେ ସମାଲୋଚନା ପୂର୍ବକ ଭାରତର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏମିତି ଚାଲିଲେ ଆଗାମୀ ଦିନରେ ଜାତିସଂଘ ବନ୍ଦ ହୋଇଯିବ ବୋଲି ସେ ସ୍ପଷ୍ଟଭାବେ କହିଥିଲେ । ଭାରତର ବିଦେଶ ନୀତିରେ ଏହି ଅସନ୍ତୋଷ ପ୍ରକାଶ ପାଇଛି ଚଳିତବର୍ଷର ଅନ୍ତକାଳୀନ ବଜେଟରେ । ଗତ ୭୫ବର୍ଷ ହେବ ଶାନ୍ତିରକ୍ଷା ପାଇଁ ଜାତିସଂଘକୁ ଭାରତ ଅର୍ଥ ପ୍ରଦାନ କରିଆସୁଥିଲା । ଚଳିତବର୍ଷ ଭାରତ ଜାତିସଂଘକୁ ଦେଉଥିବା ଅର୍ଥରେ ୫୪ ପ୍ରତିଶତ ହ୍ରାସ କରିଛି । ବିଦେଶରେ କାର୍ଯ୍ୟରତ ଭାରତୀୟ ସେନାର ଶାନ୍ତିରକ୍ଷା ବାହିନୀ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରିବାକୁ ଯାଉଛନ୍ତି । ବିହାରର ରାଜଗିରି ଜିଲ୍ଲାରେ ଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ବୈଦେଶିକ ବିଭାଗ ପକ୍ଷରୁ ପୂର୍ବରୁ ପ୍ରଦାନ କରାଯାଇ ଆସୁଥିବା ଖର୍ଚ୍ଚକୁ ଚଳିତବର୍ଷ ହ୍ରାସ କରାଯାଇଛି । ଗତବର୍ଷ ଜାତିସଂଘ ପାଣ୍ଠିକୁ ଭାରତ ୩୮୨.୫୪କୋଟି ଦେଇଥିଲା ଯାହା ୨୦୨୪-୨୫ରେ ୧୭୫ କୋଟି ଟଙ୍କାକୁ ହ୍ରାସ କରାଯାଇଛି । ନାଳନ୍ଦା ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟର ଅନୁଦାନ ୩୦୦କୋଟିରୁ ୨୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି । ମହାସାଗରୀୟ ସୁରକ୍ଷା ସହଯୋଗ କାଉନସିଲକୁ ଚଳିତ ବର୍ଷର ବଜେଟରେ ଆଦୌ ଅର୍ଥ ପ୍ରଦାନ କରାଯାଇନାହିଁ । ଜାତିସଂଘର ଶାନ୍ତିରକ୍ଷା ପାଇଁ ଚାଲି ଆସିଥିବା ମୋଟ ୭୧ ମିଶନ ମଧ୍ୟରୁ ୪୯ଟିରେ ଭାରତ ଅଂଶଗ୍ରହଣ କରିଆସିଛି । ସଂପ୍ରତି ଜାତିସଂଘର ଶାନ୍ତିରକ୍ଷା ପାଇଁ ମିଶନରେ କାର୍ଯ୍ୟରତ ମୋଟ ୬୬୮୩୯ ଯବାନଙ୍କ ମଧ୍ୟରେ ଭାରତର ଅଂଶୀଦାରୀ ୧୦ପ୍ରତିଶତ ରହିଛି । ୨୩ ନଭେମ୍ବର ୨୦୨୩ର ହିସାବ ଅନୁଯାୟୀ ଜାତିସଂଘ ଶାନ୍ତିସେନାରେ ଭାରତର ୬୦୭୩ ଯବାନ କାର୍ଯ୍ୟରତ ରହିଛନ୍ତି । ଅଥଚ ଭେଟୋ ଶକ୍ତି ଥିବା ୫ ରାଷ୍ଟ୍ର ମଧ୍ୟରୁ ସର୍ବାଧିକ ୫୮୭ ଜଣ ଯବାନ ଫ୍ରାନ୍ସ ପକ୍ଷରୁ ମିଶନରେ କାର୍ଯ୍ୟରତ ରହିଛନ୍ତି । ଦୀର୍ଘ ୭୫ ବର୍ଷ ଧରି ଭାରତ ଏହି ମିଶନକୁ ଅଧିକ ଅର୍ଥ ପ୍ରଦାନ କରି ଆସୁଥିଲେ ମଧ ଜାତିସଂଘର ସ୍ଥାୟୀ ସଦସ୍ୟତା ପ୍ରଦାନ ବେଳକୁ ପଛାଇବା ନୀତିକୁ ଭାରତ ସରକାର ଗ୍ରହଣ କରିପାରିନାହାନ୍ତି । ଏଥିରୁ ଜାତିସଂଘ ପ୍ରତି ଭାରତର କଡା ଦୃଷ୍ଟିକୋଣ ସ୍ପଷ୍ଟ ହୋଇଛି । ଯାହା ଫଳରେ ଭାରତ ଆଗାମୀ ଦିନରେ ଜାତିସଂଘରୁ ମଧ ବାହାରି ଆସିପାରେ । କାରଣ ୧୯୪୭ରୁ କାଶ୍ମୀର ମାମଲାକୁ ସମାଧାନ ନକରି ଜାତିସଂଘ ଭାରତ ବିରୋଧୀ ମନ୍ତବ୍ୟ ଦେଇ ଆସିଛି । ଜାତିସଂଘର ଏ ପ୍ରକାର ଦୋମୁହାଁ ନୀତିକୁ ବୈଦେଶିକ ବିଭାଗ ସମାଲୋଚନା କରିଆସୁଛି । ଜାତିସଂଘରେ କାଶ୍ମୀର ମାମଲାକୁ ସମାଧାନ ହେବାର ଆଶା କ୍ଷୀଣ ଦେଖି ଆଗାମୀ ଦିନରେ ପାକ୍ ଅଧିକୃତ କାଶ୍ମିରକୁ ନିଜ ହାତକୁ ନେବାଲାଗି ଭାରତ ଜାତିସଂଘରୁ ବାହାରି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି । କାରଣ ଜାତିସଂଘରେ ଥିବା ଏହି ମାମଲାର ନିଷ୍ପତ୍ତି ନ ହେବା ବିରୁଦ୍ଧରେ ଯାଇ ଭାରତ ପାକ୍ ଅଧିକୃତ କାଶ୍ମୀରକୁ ନିଜ ହାତକୁ ନେଲେ ଜାତିସଂଘ ନିଶ୍ଚିତ ଭାବେ ନିନ୍ଦା ପ୍ରସ୍ତାବ ସହ କଟକଣା ଲଗାଇପାରେ । ତେଣୁ ତା' ପୂର୍ବରୁ ଜାତିସଂଘରୁ ତର୍କ ଦେଖାଇ ବାହାରି ଆସିଲେ ଜାତିସଂଘର ଭାରତ ଉପରେ ଘପ ରାଜନୀତି ବନ୍ଦ ହୋଇଯିବ । ବ୍ରିଟେନ୍, ତୁର୍କୀ, ଆମେରିକା ସମେତ ଅନେକ ୟୁରୋପ ରାଷ୍ଟ୍ରଙ୍କ ପକ୍ଷରୁ ଏହି ଅଞ୍ଚଳକୁ ପ୍ରତିନିଧି ପଠାଇ ଭାରତ ବିରୋଧୀ ମନ୍ତବ୍ୟ ଦେବା କାର୍ଯ୍ୟର ଅନ୍ତ ହେବ । ଯାହାର ସଂକେତ ପ୍ରଧାନମନ୍ତ୍ରୀ ପ୍ରଦାନ କରି କହିଛନ୍ତି ଯେ ତୃତୀୟ ପାଳିର ସରକାର ସମୟରେ ଅନେକ ଚକିତ କଲା ପରି କଠୋର ନିଷ୍ପତ୍ତି ସରକାର ନେବେ । ବିଦେଶନୀତି କ୍ଷେତ୍ରରେ ବର୍ତ୍ତମାନର ସରକାରଙ୍କ ଆଭିମୁଖ୍ୟ ଭାରତର ସ୍ଥିତିକୁ ବିଶ୍ୱରେ ମଜଭୁତ କରିଛି ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଜ୍ୟୋତିଷ ଓ ସ୍ୱରଶାସ୍ତ୍ରର ପାର୍ଥକ୍ୟରେ ସମୟ ପ୍ରୟୋଗ



## ଅଜୟ କୁମାର ବେହେରା

ସବୁବେଳେ ଏକ ଦିନରେ ସୂର୍ଯ୍ୟ ଉଦୟରୁ ପରଦିନ ସୂର୍ଯ୍ୟ ଉଦୟ ସମୟକୁ ଜ୍ୟୋତିଷ ଶାସ୍ତ୍ରରେ୬୦ ଦଣ୍ଡ ଧରାଯାଏ। ଆଧୁନିକ ମତବାଦରେ ପୃଥିବୀର ସମ୍ମ ମେରୁଦଣ୍ଡରେ ଦୈନିକ ଅବର୍ତ୍ତନ କାଳ ପ୍ରତିଦିନର ଏକ ନିର୍ଘଣ୍ଟ ସମୟରୁ ପରଦିନ ସେ ସମୟ ଘଣ୍ଟାରେ ୨୪ ଘଣ୍ଟା ଧରାଯାଏ। ପ୍ରକୃତରେ ତାହା ଠାରୁ କିଛି କମ ହେଲେ ବି ୨୪ ଘଣ୍ଟା ଧରାଯାଇ ସମୟ ନିର୍ଣ୍ଣୟକୁ ସମତା ରଖାଯାଉଛି। ଆମର ସୂର୍ଯ୍ୟ ଉଦୟରୁ ପରଦିନ ସୂର୍ଯ୍ୟ ଉଦୟକୁ ଏକ ଦିନ ଧରାଯାଉଛି ଅଥଚ ମଧ ରାତ୍ର ଗଣନା ଅନୁସାରେ ୨୪ ଘଣ୍ଟାର ଆଦ୍ୟକୁ ଶୂନ୍ୟ ଘଣ୍ଟା (ଜିରୋ ଆୱାର) ଧରାଯାଇ ପର ରାତ୍ରିର ସେହି ସମୟକୁ ଏକ ୨୪ ଘଣ୍ଟିଆ ଦିନର ଏକକ ଧରାଯାଉଛି। ଏଥିପାଇଁ ୨୪ ଘଣ୍ଟାକୁ ୬୦ ଦଣ୍ଡ ଓ ୧ ଦଣ୍ଡକୁ ୬୦ ଲିତା, ୧ ଲିତାକୁ ୬୦ ବିଲିତା ଧରାଯାଇ ସମୟ ଗଣନା କରାଯାଏ। ୧ ଘଣ୍ଟା ଦ୨/ ୩୦ଲିତା ବା ଦ୨ଣ୍ଡ ୧ ମିନିଟ-ଲି୨/ ୩୦ ବିଲିତା, ପକ୍ଷାନ୍ତରେ ଦଣ୍ଡକ ୨୪ ମିନିଟ ଲିତାକ-୨୪ ସେକେଣ୍ଡ କ୍ରରେ ହିସାବ କରାଯାଏ।

ଜ୍ୟୋତିଷରେ କାଳ ବିଭାଗ ବିଭିନ୍ନ ପ୍ରକାର ଗଣନା ପାଇଁ ଲାଗେ, ଦିନକୁ ୬୦ ଭାଗ କ୍ରମ ଗଣନା ନିଆଗଲେ ବି କେତେକ ସ୍ତରରେ ଅଛିଣ୍ଡା ହୋଇଯାଏ ତେବେ ସେ ଗଣନା ନିହାତି ଆବଶ୍ୟକ ଯୋଗୁ ଉପାୟ ସ୍ୱରଶାସ୍ତ୍ରର ଆଶ୍ରୟ ନିଆଯାଏ। ସ୍ୱରଶାସ୍ତ୍ରରେ ନାଡ଼ି ବିଧାନ ଅଛି ଏହା ଇଡ଼ା ପିଙ୍ଗଳା, ସୁଷୁମ୍ନାରେ ନିଶ୍ୱାସ ବର୍ଗୀକରଣ ଓ ପଞ୍ଚମହାଭୂତର ବର୍ଗୀକରଣ ଅଛି, ବାମପଟ, ନାକପୁଡ଼ା ଡାହାଣ ପଟ ନାକ ପୁଡ଼ାରେ ନିଶ୍ୱାସର ଗତିରୁ ଏପରି ଧାର୍ଯ୍ୟ କରାଯାଏ। ଏଇ ନିଶ୍ୱାସରୁ ସ୍ୱରର ଧାରା ବିଚାର ହୁଏ। ଏହା ପ୍ରକୃତରେ ୬୪ ଦଣ୍ଡର ଦିନ ମାନ ପ୍ରକ୍ରିୟା।

୬୦-୬୪ର ସମତା ଜ୍ୟୋତିଷରେ ଯାମାର୍ଦ୍ଧ ବିଧାନରେ କରାଯାଇଛି। ଦ୭ଣ୍ଡର ୮ଗୁଣରେ ଓ ଦ୩/୪ ଲିତାର ୧୬ ଗୁଣରେ ୧ ଦିନ ଭୋଗ ହୁଏ। ୮ ବିଭାଗ ଦିନ ଆଠ ପ୍ରହର ୧ ପ୍ରହରର ଅର୍ଦ୍ଧ ଯାମାର୍ଦ୍ଧ, ଯାମର ତତୁଲ୍ୟ ନାମ ପ୍ରହର। ଯାମର ତତୁଲ୍ୟ ନାମ ପ୍ରହରାର୍ଦ୍ଧ। ପୂର୍ବେ ପ୍ରହରୀ ନିଯୁକ୍ତି ଯାହା କରାଯାଉଥିଲା ୮ ପ୍ରହର ପାଇଁ ଚୌକି ଲଗାଇବା ବ୍ୟକ୍ତି ମାନଙ୍କୁ ପ୍ରହରୀ କୁହାଯାଏ। ମନୁଷ୍ୟ ଜାଗ୍ରତ ପ୍ରହରେ ସଠିକ ରହିବ ଏକାଦିକ୍ରମରେ ସର୍ବତ୍ର ଦ୭/୩୦ ବା ଘ୩ଣ୍ଟା କାର୍ଯ୍ୟକାରୀ ସମୟ ପରେ ମଧ୍ୟାନ୍ତର ବା ଖାଇବା ଖେଳିବା କିଛି ସମୟ ବିଶ୍ରାମ ଦିଆଯାଇଥାଏ। ଆମର ଟ୍ରାଫିକ ଭାଇମାନେ ଏହିପରି ଜାଗ୍ରତ ରହି ତାଙ୍କର ଡିଉଟି କରୁଛନ୍ତି। ଗ୍ରହର ଯାମର ସମୟ ଦିନକୁ ୪ ଓ ରାତ୍ରୀକୁ ୪ରେ ଭାଗ କରାଯାଇଥାଏ। ଆମର ଅର୍ଦ୍ଧ, ଯାମାର୍ଦ୍ଧ, ଯାମାର୍ଦ୍ଧ ମାନଙ୍କର ଅଧିକାର ବାରଦୃଷ୍ଟେ ଗ୍ରହ ମାନଙ୍କୁ ଏକ ସୁଚାର ବଣ୍ଟନ କରାଯାଇଛି। ସପ୍ତକାରରେ ଦିନ ମାନର ରାତ୍ରିମାନ ମିଶ୍ରଣରେ ୮+୮=୧୬ ଯାମାର୍ଦ୍ଧ ଅତଏବ ୧ସପ୍ତାହରେ ୧୧୨ ଯାମାର୍ଦ୍ଧ ସ୍ଥିର। ୧ ଯାମାର୍ଦ୍ଧକୁ ସମାନ ଚାରିଭାଗ କରାଯାଇଥାଏ ଯାହା ନିତ୍ୟ ଦିବା ୬୪ ଭାଗରେ ଏହା ରହେ ଏହାକୁ ବି ଦଣ୍ଡ ଆଖ୍ୟା ଦିଆଯାଇଛି। ପ୍ରକୃତରେ ଏହା ହିଁ ସ୍ୱରଶାସ୍ତ୍ର ପ୍ରୟାଗ ଦଣ୍ଡ।

ଛାୟାଗ୍ରହ ରାହୁଙ୍କୁ ଯାମାର୍ଦ୍ଧ ବିଭାଗରେ ପତାକୀ ରିଷ୍ଟ ଗଣନା ଧାରାରେ ନିଆଯାଇନାହିଁ। ଦୁଇ ଜ୍ୟୋତିଗ୍ରହ ୫ ତାରା ଗ୍ରହଙ୍କ ପ୍ରତିଦିନ ନିଆଯାଏ। ୨ ଜ୍ୟୋତିଗ୍ରହ ରବି, ଚନ୍ଦ୍ର, ୫ ତାରା ଗ୍ରହ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି, ଶନି, କନ୍ୟା ରାଶିରୁ ମକରଯାଏ ବା ଓଲଟ ମିଥୁନରୁ କୁମ୍ଭ ଯାଏ ଗ୍ରହଙ୍କର କ୍ରମ। ଯେଉଁ ୬୪ ଦଣ୍ଡ କୁହାଯାଉଛି ଏଥିରେ ଦିନ ଦଣ୍ଡ ବିଧାନରେ ଦିନରେ ଛାୟାର ଦୃଶ୍ୟ ଯୋଗୁ ରାହୁର ଦଣ୍ଡର ଅଧିକାର ରଖାଯାଇଛି। ଠିକ ୩୨ ଦଣ୍ଡରେ ରବି ଦଣ୍ଡର ପିଛା ରାହୁଦଣ୍ଡ କରିଥାଏ। ରବି ଆଲୋକ ଗ୍ରହକୁ ରାହୁ ଅନ୍ଧାର ଛାୟା ଗ୍ରହ। ସୂର୍ଯ୍ୟ ଅନୁସରଣ ସର୍ବଦା ଛାୟା କରୁଥାନ୍ତି। ଅବଗୁଣ୍ଠନବତୀ ପତ୍ନୀ ଛାୟାଙ୍କୁ ସାଥିରେ ନେଇ ସୂର୍ଯ୍ୟ ବାଟ ଚାଲିବା ପରି ଧାରଣା ଏଥିରୁ ଆସୁଛି। ରାହୁ ଛାୟା ସାଧିକା ସିଂହିକାଙ୍କର ପୁଅ, ଶନି ଛାୟା ମାଆଙ୍କର ପୁଅ। ଏକ ନିର୍ଦ୍ଦିଷ୍ଟ ନିୟମରେ ବାର ମାନଙ୍କର ଯାମାର୍ଦ୍ଧ ଖଞ୍ଜା ଯାଇଛନ୍ତି। ପ୍ରତିବାରର ସୂର୍ଯ୍ୟ ଉଦୟ ଓ ଅସ୍ତରେ ଓ ଅସ୍ତ ଓ ପରଦିନ ବାର ଉଦୟ ପୂର୍ବରୁ ସେ ଦିନର ବାରଧିପ ମାଲିକ ରହନ୍ତି। ପ୍ରତି ଦିନର ଦିନ ବେଳା ଯାମାର୍ଦ୍ଧପତି ପ୍ରତିବାରର ୬ଷ୍ଠ ବାରାଧିପ ହିଁ ୨ୟ ଯାମାର୍ଦ୍ଧ ପତି ତତ୍ ୬ଷ୍ଠ, ୩ୟ, ୪ର୍ଥ କ୍ରମରେ ୭ମ ଯାମାର୍ଦ୍ଧ ଯାଇ ୮ମ ଯାମାର୍ଦ୍ଧ ପୁନ। ଚଳିତ ବରାଧିପ ପରେ ସୂର୍ଯ୍ୟ ଅସ୍ତର ୧ମ ଯାମାର୍ଦ୍ଧପତି ବାରପତି ଓ ତତ୍ ୫ମ ବାରକ୍ରମରେ ୭ମ ଯାମାର୍ଦ୍ଧ ଯାଏ ଶେଷରେ ରାତ୍ରୀର ୮ମ ଯାମାର୍ଦ୍ଧ ପତି ବାରପତି ରହନ୍ତି। ପ୍ରତିବାର ବାରପତି ୧୬ ଯାମାର୍ଦ୍ଧରେ ୪ଥର ଯାମାର୍ଦ୍ଧ ପତି ଯେଉଁ ନିୟମରେ ରହନ୍ତି ସେ ନିୟମରେ ଅନ୍ୟମାନେ ରହିନଥାନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩




## ଭଲାରେ ଭୋଓଟ ଭଲା...

### ଦିବାକର ନାୟକ



ଯାହାକୁ ମୁଁ ଏତେ ଭଲପାଏ ହେଲେ
ସିଧା ସିଧା ତାକୁ ପାରୁନି କହି
ଲାଗୁଛି ସିଏ ବି ଭଲ ପାଏ ମୋତେ
ହେଲେ ତା ଓଠରୁ ଶୁଣିନି ମୁହିଁ ।

ଗୁଣୁଗୁଣୁ ହେଲେ ଶୁଣି ମୁଁ ଭାବଇ
ମୋତେ ସେ ଲଗାଇ ଗାଉଛି ଗୀତ
ତା କଥା ପଡ଼ିଲେ ନ ଜାଣିଲା ପରି
କାନ ମୁଁ ଡେରଇ କହୁଛି ସତ

ଯିଏ ଯା ବାଟରେ ଚାଲୁଛୁ ହେଲେ ତ
ଗୋଟିଏ ଜାଗାରେ ଭେଟିବା ପାଇଁ...
ଯାହାକୁ ମୁଁ ଏତେ ଭଲପାଏ ହେଲେ
ସିଧା ସିଧା ତାକୁ ପାରୁନି କହି ।

ସିଏ ତା ମନକୁ ହଜେଇ ଦେଇଛି
ଖୋଜି ଖୋଜି ମୋର ମନକୁ ସତେ
ଚାହୁଁଛି ଆଜି ମୁଁ ଧରା ପଡନ୍ତା କି
ଦୁହେଁ ତ ଦୁହିଁଙ୍କୁ ଝୁରୁଛୁ କେତେ

ଜାଣି ବି ଅଜଣା ବାହାରକୁ ସିନା
ଭିତରେ ବହୁଛି ପ୍ରୀତିର ନଈ...
ଯାହାକୁ ମୁଁ ଏତେ ଭଲପାଏ ହେଲେ
ସିଧା ସିଧା ତାକୁ ପାରୁନି କହି ।

ପାଟପୁର, କନିସି,
ଗୋଳନ୍ଥରା, ଗଞ୍ଜାମ
ମୋ- ୯୯୩୮୬ ୧୯୯୮୧

## ଆଉ ନାହିଁ ଶୀତ ଦୁଃଖ

### ଧ୍ରୁବ ଚରଣ ଘିବେଲା

ବିଦାୟ ନେଇଛି ମାଘ ଶେଷେ ଶୀତ
ଆଉ ନାହିଁ ଶୀତ ଦୁଃଖ
ମଳୟ ମରୁତ ସାଥେ ନେଇ ଆସି
ବସନ୍ତ ପରଶେ ସୁଖ ।

ଫଗୁଣ ଆସିଛି ଶୀତ ବି ଫେରିଛି
ଏବେ ବସନ୍ତର ପାଳି
ସମୟ ସରିଲେ ଫେରିଯାନ୍ତି ସର୍ବେ
ସମୟ ପିଠିରେ ଚାଲି ।

ମଳୟ ପରଶ ଅତ୍ୟନ୍ତ ସୁଖଦ
ପିକ କୁହୁ ସୁଖଦିଆ
ନିଜକୁ ଲୁଚାଇ ରହି ରହି ଗାଇ
ପିକ କୁହୁ ଜମାଣିଆ ।

ଦିନ ହୁଏ ବଡ଼ ବଢ଼େ ଖରା ବଳ
ହସେ ବସନ୍ତେ ପଳାଶ
ନାଲିଆ ପଳାଶ ନାଲିଆ ତା' ଓଠ
ସୁନ୍ଦର ତା' ରୂପ ବେଶ ।
ମଳୟ ଛୁଆଁରେ ପ୍ରକୃତିର ଶୋଭା
ରହେ ହସିଲା ପୂରିଲା
ଶୋଭା ମନଲାଖି ପ୍ରକୃତିକୁ ଦେଖି
ଦର୍ଶକ ତୃପତ ଭଲା ।

ବସନ୍ତ ବାରତା ପିକଠାରୁ ବାଆ
ଦେଇଥାନ୍ତି ଏଠି ସଭେ
ଗଛରୁ ପତର ଖସିଲେ ମର୍ମର
ଅତି ଧିରେ ଶବ୍ଦ ଶୁଭେ ।

ନୂଆ ପତରରେ ଭିନ୍ନ ଚମକରେ
ଚମକେ ବସନ୍ତ ପରଶେ
କି କିମିଆଁ କରେ ସୌନ୍ଦର୍ଯ୍ୟ ବିତରେ
ଶୋହେ ବୃକ୍ଷରାଜି ହରଷେ ।

ବଉଦରାଜ, ଜି. ବୌଦ୍ଧ
ପିନ - ୭୬୨୦୧୪
ମୋ: ୯୪୩୭୪୭୮୪୬୬

## ମାତୃଭାଷା ମହାକୁମ୍ଭ

### ପ୍ରଶାନ୍ତ କୁମାର ରାଉଳ



ମାତୃଭାଷା ପ୍ରତି ଜାଳି ପ୍ରୀତି ବତୀ
ହୃଦେ ହୃଦେ ଜାଗି ଅସ୍ମିତା ଦମ୍ଭ
ରଚିଲା ମାତୃଭାଷା ମହାକୁମ୍ଭ,
ପ୍ରାଚୀନ ଓଡ୍ର ମୋ ଓଡିଆ ଭାଷା
ଶାସ୍ତ୍ରୀୟ ମାନ୍ୟତା ପାଇଛି ତ ଆଗୁଁ
ଆଜି ଜାଗିଛି ନବ ଜାଗୃତି ଉଷା।

ନାହିଁ ଅବସାଦ ନାହିଁ ଜଡ଼ତା
ଜନତା ଭାଷା ମଇଦାନେ ଆଜି
ରଚିଲା ପ୍ରଥମ ବିଶ୍ୱ ଓଡିଆ-
ଭାଷା ସମ୍ମିଳନୀ ଦୁଇ ହଜାର ଚବିଶ
ଚାରି ଫେବୃଆରୀ ଛାତି ଫୁଲିଆ,
ମୋ ଭାଷା ସତେ ମୋର ପରିଚୟ
ମୋ ପ୍ରଭୁ ସୁନ୍ଦର ନୀଳାଚଳିଆ
ମାନବୀୟ ଲୀଳା ବାରମାସିଆ।

ମାତୃଭାଷା ମୋର ପ୍ରଭାତ ବନ୍ଦନା
ଅନୁଶାସନ ପର୍ବ
ଚଉବର୍ଗ ଦାନୀ ଭାଗବତ ଲିପି
ଆମ ସଂସ୍କୃତିର ଗର୍ବ,
ମମତାର ମନ୍ଦାକିନୀ
ତା ଲାଗି ବହୁଛି ଆନନ୍ଦର ଧାରା
ତା ପ୍ରେମେ ହୁଅ ହେ ଧନୀ।
ଜାଗ ଆତ୍ମା ଦିବ୍ୟାନନ୍ଦେ
ଜାଗ ଭାଷା ପ୍ରେମୀ ଜାଗ ଗୁଣି ଜ୍ଞାନୀ
ନବ ଗୌରବ ଛନ୍ଦେ।
ହାତୀକି ଉଠାଏ ହାତୀ
ଥାଉଁ ବଡଦିଅଁ ତାହାରେ ଜଣାଅ
ଯୁବଜନେ ଉଠ ମାତି।
ମାତୃଭାଷା- ମାନ-ଯଜ୍ଞ-ପ୍ରତିଜ୍ଞା
ଜଣେ ହେଲେ କେହି ନ କଲେ ଅବଜ୍ଞା
ଉଠିବ ମୋ ମାତୃଭାଷା,
ପୁନର୍ଜାଗରଣେ ଗାଅ ଉଚ୍ଚ ସ୍ୱରେ
ମାତୃଭାଷା ଚଉତିଶା।

ଭାବବିନୋଦିଆ ମହାଭାବରୁ ସମ୍ଭୃତ
ସେ ଭାବେ ସଭିଏଁ ହୁଅ ତଦ୍ଗତ,
ଛାଡ଼ି 'ମମି' 'ଅଙ୍କଲ' ତୃଷା
ଓଡିଆ କଥନ ଓଡିଆ ଲିଖନ
ଅଫିସ୍ କାଗଜରେ, ଦୋକାନ
ବଜାରେ
ଓଡିଆରେ ଲେଖ ନାମ ଫଳକରେ
ଓଡିଆକୁ କିଣ
ମାତୃଭାଷା ଜିଣ
ଘୁଞ୍ଚିବ ଭାଷା ଦୁର୍ଦ୍ଦଶା।
ମନ କଥା କାମେ ରଖ ହେ ସମତା
ଅଚିରେ ଜାଗିବ ମୋ ମାତୃଭାଷା,
ଉତ୍କଳ ହେବ ମୋ ମାତୃଭାଷା ମୁଖ
ପୂରିବ ମୋ ଦେଶ ସକଳ ଆଶା
ଏ ତ ନବ ଜାଗୃତିର ଉଷା ।

ଭଞ୍ଜ କଲୋନୀ,ନୂଆବଜାର,
ଜଳେଶ୍ୱର, ବାଲେଶ୍ୱର
ମୋ-୮୧୪୪୮୬୪୫୮୪

# ମାଆ ହେବେ ଦୀପିକା ପାଦୁକୋନ, ଦେଲେ ଗୁଡ୍ ନ୍ୟୁଜ୍



ନିକଟରେ ଅଭିନେତ୍ରୀ ଦୀପିକା ପାଦୁକୋନ ଗର୍ଭବତୀ ଥିବା ନେଇ ସୋଶାଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଥିଲା। ଏବେ ଚର୍ଚ୍ଚା ଉପରୁ ପରଦା ହଟିଛି। ଦୀପିକା ଖୁବ୍ ଶୀଘ୍ର ମାଆ ହେବାକୁ ଯାଉଛନ୍ତି। ଏନେଇ ସେ ଏକ ସୋଶାଲ ମଡିଆ ପୋଷ୍ଟରେ ସୂଚନା ଦେଇଛନ୍ତି। ଏକ ସୁନ୍ଦର ପୋଷ୍ଟ ଶେଆର କରି ଦୀପିକା ନିଜର ପ୍ରେଗନାନ୍ସି ବାବଦରେ ଜଣାଇଛନ୍ତି। ଚଳିତ ବର୍ଷ ସେପଟ୍ମେରରେ ତାଙ୍କ ଘରକୁ କୁନି ଅତିଥି ଆସିବାକୁ ଥିବା ହିଣ୍ଟ ଦେଇଛନ୍ତି ଦୀପିକା। ଦୀପିକାଙ୍କ ଏହି ପୋଷ୍ଟ ଖୁବ୍ ଭାଇରାଲ୍ ହେଉଛି ଏବଂ ପ୍ରଶଂସକମାନେ ମାଧ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ୨୦୧୮, ନଭେମ୍ବର ୧୪ରେ ରଣବୀର ସିଂହ ଏବଂ ଦୀପିକା ପାଦୁକୋନ ବିବାହ କରିଥିଲେ। ସେମାନେ ପ୍ରଥମ କରି ବାପା-ମାଆ ହେବାକୁ ଯାଉଛନ୍ତି। ନିକଟରେ ଲଣ୍ଡନରେ ଆୟୋଜିତ ୭୭ତମ BAFTA ଆୱାର୍ଡ ସେରେମୋନିରେ ନଜର ଆସିଥିଲେ ଦୀପିକା ପାଦୁକୋନ। ଏଥିରେ ସେ ସବ୍ୟସାଚୀଙ୍କ ଡିଜାଇନର ଶାଢ଼ି ପିନ୍ଧି ରେଡ୍ କାରପେଟ୍‌ରେ ଓହ୍ଲାଇଥିଲେ। ଏହି ସମୟରେ ସେ ନିଜ ପେଟ ଲୁଚାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା, ଯାହା ପରେ ତାଙ୍କ ପ୍ରେଗନାନ୍ସିକୁ ନେଇ ଚର୍ଚ୍ଚା ହେଉଥିଲା।

# ଟ୍ରାଫିକ୍ ପୁଲିସଙ୍କ ଡ୍ରେସ୍ ଫାଡିଲେ ଅଭିନେତ୍ରୀ



ବିଚ୍ ରାସ୍ତାରେ ଅଭିନେତ୍ରୀଙ୍କ ହଙ୍ଗାମା। ଗାଡି ଅଟକାଇ ଟ୍ରାଫିକ୍ ପୁଲିସଙ୍କୁ କଲେ ଗାଳି ଗୁଲଜ। ତାଙ୍କ ଡ୍ରେସ୍ ଫାଡିବା ସହ ମୋବାଇଲ୍ ଫୋନ୍ ଛଡାଇ ନେଲେ। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି ହାଇଦ୍ରାବାଦରୁ। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଣାଶୁଣା ତେଲୁଗୁ ଅଭିନେତ୍ରୀ ସୌମ୍ୟା ଜାନୁ। ରାସ୍ତା ଉପରେ କରିଛନ୍ତି ଜୋରଦାର ହଙ୍ଗାମା। ଡ୍ୟୁଟିରେ ଥିବା ଟ୍ରାଫିକ୍ ପୁଲିସଙ୍କ ସହ ସେ କରିଛନ୍ତି ଦୁର୍ବ୍ୟବହାର। ଶୁକ୍ରବାର ହାଇଦ୍ରାବାଦର ବଞ୍ଜାରା ହିଲ୍ସରେ ଭୁଲ୍ ପାର୍ଶ୍ୱରେ ନିଜ ଜାଗୁଆର ଗାଡି ନେଇ ପସିଥିଲେ ଅଭିନେତ୍ରୀ ସୌମ୍ୟା। ଏହା ଦେଖି ଡ୍ୟୁଟିରେ ଥିବା ଟ୍ରାଫିକ୍ ପୁଲିସ ତାଙ୍କୁ ଅଟାଇଥିଲେ। ବାସ୍ ଏତିକିରେ ରାଗି ଯାଇଥିଲେ ଅଭିନେତ୍ରୀ। ପୁଲିସ ଉପରେ ସେ ବର୍ଷିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ସେଠାରେ ପ୍ରବଳ ଭିଡ ଜମିଥିଲା। କେବଳ ସେତିକି ନୁହେଁ ଟ୍ରାଫିକ୍ ପୁଲିସ ଅଫିସରଙ୍କ ସେ ଡ୍ରେସ୍ ଫାଡିବା ସହ ତାଙ୍କ ଫୋନ୍ ଛଡାଇ ଫେରାର ହୋଇଯାଇଥିଲେ। ଏହି ପୂରା ଘଟଣାର ଦୃଶ୍ୟକୁ ସେଠାରେ ଉପସ୍ଥିତ କେହି ଜଣେ ବ୍ୟକ୍ତି ନିଜ ମୋବାଇଲରେ କଏଦ କରି ସୋଶାଲ ମିଡିଆ ସେୟାର କରିଥିଲେ। ଫେବ୍ରୁଆରୀ ୨୪ ତାରିଖ ଦିନ ଏହି ଘଟଣା ଘଟିଥିଲା। ଅଭିନେତ୍ରୀଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ଏବେ ତାଙ୍କୁ ଜୋରଦାର ଟ୍ରୋଲ କରାଯାଉଛି। ଲୋକେ ତାଙ୍କ ବ୍ୟବହାରକୁ ନେଇ ତାଙ୍କୁ ସମେଲୋନା କରିଛନ୍ତି। ସୌମ୍ୟା ଜାନୁଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି। ସେପଟେ ଅଭିନେତ୍ରଙ୍କ ବିରୋଧରେ ମାମଲା ରୁଜୁ ହୋଇସାରିଥିବା ବେଳେ ସେ ଫେରାର ଥିବା ପୁଲିସ କହିଛି। ତାଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

## ଏହି ଫିଲ୍ମରେ ଦମ୍‌ଦାର କମ୍‌ବ୍ୟାକ୍ କରିବେ ଅମୀର ଖାନ୍, ସାମ୍ନାକୁ ଆସିଲା ରିଲିଜ୍ ଡେଟ୍

୨୦୨୨ ମସିହାରେ ଫିଲ୍ମ 'ଲାଲ ସିଂ ଚଡ୍ଡା'ପରଦାକୁ ଆସିଥିଲା। ଏହା ପରେ ଅମୀର ଖାନ ପରଦାରୁ ଗାଏବ ହୋଇଯାଇଥିଲେ। ଏହି ଚଳଚ୍ଚିତ୍ର ଫ୍ଲପ୍ ପରେ ଅମୀର ଅଭିନୟରୁ ବିରତି ନେବାକୁ ଘୋଷଣା କରିଥିଲେ। ସେ କହିଥିଲେ ଯେ ଗତ କିଛି ମାସ ପାଇଁ ସେ ନିର୍ମାତା ଭାବରେ କାର୍ଯ୍ୟ କରିବେ ଏବଂ ଅଭିନୟରୁ ବ୍ରେକ୍ ନେବେ। କିନ୍ତୁ ବର୍ତ୍ତମାନ ଅମୀରଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର । ଭଲ ଖବର ହେଉଛି ଅଭିନେତା ଖୁବ୍ ଶୀଘ୍ର ତାଙ୍କ ଅଭିନୟ ବିରତିରୁ କମ୍‌ବ୍ୟାକ୍ କରୁଛନ୍ତି । ଏନେଇ ସେ ନିଜେ ଏକ ସାକ୍ଷାତକାରରେ କହିଛନ୍ତି । ନିକଟରେ ଅମୀର ଖାନ ତାଙ୍କ ଫିଲ୍ମ 'ଲାପତା ଲେଡିଜ୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ତାଙ୍କ ପୂର୍ବ ପତ୍ନୀ କିରଣ ରାଓ। ଏହି ଫିଲ୍ମ ମାର୍ଚ୍ଚ ୨ରେ ରିଲିଜ ହେବାକୁ ଯାଉଛି। ବର୍ତ୍ତମାନ ଅମୀର ଏବଂ କିରଣ ବର୍ତ୍ତମାନ ଚଳଚ୍ଚିତ୍ରର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ଏହି ଚଳଚ୍ଚିତ୍ରର ପ୍ରମୋସନ ସମୟରେ ଅମୀର କହିଛନ୍ତି ଯେ ତାଙ୍କୁ ପୁଣି ବଡ ପରଦାରେ ଦେଖିବାକୁ ମିଳିବ । ଅଭିନେତା ୨୦୨୪ ବର୍ଷ ଶେଷରେ ତାଙ୍କ ନୂଆ ଚଳଚ୍ଚିତ୍ର ସହିତ ଆସୁଛନ୍ତି, ଯାହାର ନାମ 'ସୀତାରେ ଜମିନ୍ ପର। ଅମୀର ଆହୁରି କହିଛନ୍ତି ଯେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି। ଆମେ ବର୍ଷ ଶେଷରେ ଏହାକୁ ରିଲିଜ୍ କରିବାକୁ ଚେଷ୍ଟା କରୁଛୁ। ଏହି ଚଳଚ୍ଚିତ୍ରଟି ବହୁତ ଚିତ୍ତାକର୍ଷକ ହେବ। ଅଭିନେତାଙ୍କ ଏହି ଘୋଷଣା ପରେ ପ୍ରଶଂସକଙ୍କ ମଧ୍ୟରେ ତାଙ୍କୁ ପୁଣିଥରେ ପରଦାରେ ଦେଖିବା ପାଇଁ ଉତ୍ସାହିତ ଅଛନ୍ତି ।

# ଦୀର୍ଘ ଦିନର ପ୍ରେମିକଙ୍କୁ ବିବାହ କରିବେ ତାପସୀ



ବଲିଉଡର ଅଭିନେତ୍ରୀ ତାପସୀ ପନୁଙ୍କ ଫ୍ୟାନ୍ସମାନଙ୍କ ପାଇଁ ଖୁସି ଖବର ରହିଛି । ଏହି ଖୁସି ଖବରଟି ହେଉଛି ଫ୍ୟାନ୍ସଙ୍କ ପ୍ରିୟ ଅଭିନେତ୍ରୀ ଖୁବଶୀଘ୍ର ତାଙ୍କ ଦୀର୍ଘ ଦିନର ବୟପ୍ରେଣ୍ଡ ମାଥିଆସ ବୋଙ୍କୁ ବିବାହ କରିବାକୁ ଯାଉଛନ୍ତି । ଚଳିତବର୍ଷ ମାର୍ଚ୍ଚରେ ତାପସୀ ହାତରୁ ଦୁଇହାତ ହୋଇ ଏକ ନୂଆ ଜୀବନର ଆରମ୍ଭ କରିବେ। ତେବେ ଏନେଇ ତାପସୀ ଏଯାବତ କୌଣସି ଅଧିକାରିକ ଭାବେ ଘୋଷଣା କରିନାହାନ୍ତି। ଉଦୟପୁରରେ ତାପସୀ ପନୁ ମାଥିଆସ ବୋଙ୍କୁ ଦୀର୍ଘ ୧୦ ବର୍ଷ ହେବ ଭଲ ପାଇ ଆସୁଥିଲେ। ଶେଷରେ ଏହି ସମ୍ପର୍କ ଖୁବ ଅଳ୍ପଦିନ ମଧ୍ୟରେ ବିବାହରେ ପରିଣତ ହେବ। ଯାହାକୁ ନେଇ ତାପସୀ ଓ ମାଥିଆସଙ୍କ ପରିବାର ସଦସ୍ୟ ବି ବେଶ ଖୁସି ଅଛନ୍ତି। ବିବାହ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ତାପସୀ ପନୁ ଏବଂ ମାଥିଆସ୍ ବୋଙ୍କ ବିବାହକୁ ପ୍ରାଇଭେଟ ରଖାଯିବ । ଅଭିନେତ୍ରୀ ପ୍ରେମ କାହାଣୀ ବିଷୟରେ କହିବାକୁ ଗଲେ ୨୦୨୦ ମସିହାରେ ତାପସୀ ଏବଂ ତାଙ୍କ ପ୍ରେମିକ ମାଥିଆସଙ୍କ ଡେଟିଂ ଖବର ସାମ୍ନାକୁ ଆସିଥିଲା । ମାଳଦ୍ୱୀପ ଭ୍ୟାକେସନରୁ ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ମାଥିଆସ ବୋ ଜଣେ ଡେନମାର୍କ ବ୍ୟାଡମିଣ୍ଟନ ଖେଳାଳି । ସେ ଦୁଇଥର ୟୁରୋପୀୟ ଚମ୍ପିଆନ୍ ତଥା ଅଲିମ୍ପିକ୍ ପଦକ ବିଜେତା ହୋଇଛନ୍ତି ।


ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା ଅର୍ନ୍ତଗତ

ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା"



ଆମ ରାଜ୍ୟ ଓଡ଼ିଶାରେ ୫୯୩୪୩ ହେକ୍ଟର ପରିମିତ ପ୍ରାୟ ୬୪୦୦୦ ଗ୍ରାମ ପଞ୍ଚାୟତ ପୋଖରୀ ଅଛି। ଏଥିରୁ ଅଧିକାଂଶ ପୋଖରୀ ଅବ୍ୟବହୃତ ହୋଇ ରହିଛି। ୨୦୧୮ ମସିହାରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏକ ନୀତି ନିର୍ଦ୍ଧାରଣ କରାଯାଇ ପଞ୍ଚାୟତ ପୋଖରୀ ଗୁଡ଼ିକୁ ମାଛ ଚାଷ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଦୀର୍ଘମିଆଦି (୩ ରୁ ୫ ବର୍ଷ) ସୂତ୍ରରେ ଲିଜ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହାପରେ ୨୦୧୮-୧୯ ରୁ ମିଶନଶକ୍ତି, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଓ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା" ନାମରେ ଏକ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି।

ଯୋଜନାର ଲକ୍ଷ:

ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଏହା ଆର୍ଥିକ ସ୍ୱାବଲମ୍ବୀର ସୁଯୋଗ ସୃଷ୍ଟି କରିବ। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ହେବା ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂରୀକରଣ ଓ ସାଧାରଣରେ ମାଛ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବ।

ଯୋଜନାର କାର୍ଯ୍ୟକାରିତା:

ଏହି କାର୍ଯ୍ୟକ୍ରମର ବିପୁଳ ସଫଳତା ପରେ ମିଶନ ଶକ୍ତି ଅଧିନ ପ୍ରାୟ ୬୦୦୦ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ୨୦୨୧-୨୨ ରୁ ୨୦୨୩-୨୪ ମଧ୍ୟରେ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତ ପୋଖରୀକୁ ଚିହ୍ନଟ କରାଯାଇ ମହିଳା ଗୋଷ୍ଠୀମାନଙ୍କୁ ଦୀର୍ଘମିଆଦି ସୂତ୍ରରେ ଲିଜ ପ୍ରଦାନ କରାଯିବ। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ୍ ମାଛଚାଷ ନିମନ୍ତେ ନିୟମିତ ବୈଷୟିକ ପରାମର୍ଶ ପ୍ରଦାନର ବ୍ୟବସ୍ଥା କରାଯାଇଛି। ମାଛଚାଷ ପାଇଁ ଆବଶ୍ୟକ ଉନ୍ନତ ଯାଆଁଳ, ମାଛଖାଦ୍ୟ, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ବାବଦରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ଟ. 4,00,000/- ଉପରେ ୬୦ ପ୍ରତିଶତ ଅର୍ଥାତ ହେକ୍ଟର ପ୍ରତି ସର୍ବାଧିକ ଟ 2,40,000/- ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି।

ମାଛ ଚାଷ ପାଇଁ ମିଳୁଥିବା ସହାୟତା ( ୧ ହେକ୍ଟର ପରିମିତ ପୋଖରୀ ପାଇଁ)

| ପ୍ରକଳ୍ପର ନାମ | ୟୁନିଟ୍ | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ମହିଳା ଗୋଷ୍ଠୀଙ୍କ ସହଯୋଗ | ମୋଟ ଟଙ୍କା | ସରକାରୀ ସହାୟତା |
|---|---|---|---|---|---|
| ପୋଖରୀ ହୁଡ଼ା ମରାମତି ଦଳ ସଫା ଓ ଅନ୍ୟାନ୍ୟ | L.S | L.S | ୧୦,୦୦୦.୦୦ | ୧୦,୦୦୦.୦୦ | ୬,୦୦୦.୦୦ |
| ଦଳ ପରିଚାଳନା ଓ ଦଳ ମାପକ | L.S | L.S | ୨,୦୦୦.୦୦ | ୨,୦୦୦.୦୦ | ୧,୨୦୦.୦୦ |
| ଚୂନ | ୯୦୦kg. | @Rs.12/ kg | | ୧୦,୦୦୦.୦୦ | ୬,୪୮୦.୦୦ |
| କଞ୍ଚା ଗୋବର, ଆମୋନିଆ ନିୟନ୍ତ୍ରଣ ଓ ଅନ୍ୟାନ୍ୟ | L.S | L.S | ୩,୯୦୦.୦୦ | ୧୧,୧୦୦.୦୦ | ୬,୬୬୦.୦୦ |
| ମାଛ ଜାଆଁଳ ସହିତ ଟ୍ରାନ୍ସପୋର୍ଟ | ୫୦୦୦ ନଂ | @Rs.12/- ଆଙ୍ଗୁଳିକ | | ୬୦,୦୦୦.୦୦ | ୩୬,୦୦୦.୦୦ |
| ମାଛ ଖାଦ୍ୟ 1.5 : I FCR | 7500 kg | Rs. 36/ kg | ୧,୦୮,୦୦୦.୦୦ | ୨,୭୦,୦୦୦.୦୦ | ୧,୬୨,୦୦୦.୦୦ |
| ମାଛ ଧରା / ହେ.କ୍ଟ. ଔଷଧ | L.S | L.S | ୧୫,୦୦୦.୦୦ | ୧୫,୦୦୦.୦୦ | ୯,୦୦୦.୦୦ |
| ଖଣିଜ ଲବଣ, ଅକ୍ସିଜେନ ଟାବଲେଟ୍ ଅନ୍ୟାନ୍ୟ | L.S | L.S | ୧୦,୦୦୦.୦୦ | ୧୦,୦୦୦.୦୦ | ୬,୦୦୦.୦୦ |
| ଫାର୍ମ ମଜୁରୀ ଓ ଅନ୍ୟାନ୍ୟ ଖର୍ଚ୍ଚ | L.S | L.S | ୧୧,୧୦୦.୦୦ | ୧୧,୧୦୦.୦୦ | ୬,୬୬୦.୦୦ |
| ମୋଟ ମାଛ ଚାଷ ଖର୍ଚ୍ଚ | | | ୧,୬୦,୦୦୦.୦୦ | ୪,୦୦,୦୦୦.୦୦ | ୨,୪୦,୦୦୦.୦୦ |

ଗାଁ ପୋଖରୀରେ ମାଛ ଚାଷ, ମହିଳାଙ୍କୁ କରିବ ସଶକ୍ତ।

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀ ବାରିପଦା, ମୟୂରଭଂଜଙ୍କ ସହିତ ଯୋଗାଯୋଗ କରନ୍ତୁ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର


# ଛାତ୍ରୀନିବାସ ପାଇଁ ଅକ୍ଷୟ ଦାନ କଲେ ୧ କୋଟି ଟଙ୍କା

ବଲିଉଡର ଖିଲାଡି କୁମାର ଅର୍ଥାତ୍ ଅକ୍ଷୟ କୁମାର । ଚଳିତ ବର୍ଷ ତାଙ୍କର ଅନେକ ଚଳଚ୍ଚିତ୍ର ଆସୁଛି। ଯେଉଁଥିରେ ସେ ଧମାଲ କରିବାକୁ ପ୍ରସ୍ତୁତ । ଗୋଟିଏ ପରେ ଗୋଟିଏ ନୂଆ ଚଳଚ୍ଚିତ୍ରରେ ଅକ୍ଷୟଙ୍କୁ ଦେଖିବାକୁ ମିଳିବ। 'ବଡେ ମିଆଁ ଛୋଟ୍ ମିଆଁ' ଚଳିତ ବର୍ଷ ଅଭିନେତାଙ୍କ ପ୍ରଥମ ଫିଲ୍ମ। ବର୍ତ୍ତମାନ ଚଳଚ୍ଚିତ୍ରର ପ୍ରମୋଶନରେ ଜୋରଦାର ଚାଲିଛି। ଏଥିପାଇଁ ଅଭିନେତା ଉଦୟପୁରରେ ପହଞ୍ଚିଥିଲେ। ସେ ଫିଲ୍ମର ପ୍ରମୋସନ ପାଇଁ ନୁହେଁ ବରଂ ତାଙ୍କର ପରବର୍ତ୍ତୀ ଫିଲ୍ମର ସୁଟିଂ ପାଇଁ ଏଠାକୁ ଆସିଥିଲେ। ଅଭିନେତା 'ଖେଲ ଖେଲ ମେଁ'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମରେ ତାପସୀ ପନୁ ତାଙ୍କ ସହ ନଜର ଆସିବେ। ଏହା ମଧ୍ୟ କୁହାଯାଉଛି ଯେ ଅଭିନେତା ସେଠାରେ ୧ କୋଟି ଟଙ୍କା ଦାନ କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ପୋଷ୍ଟ ଅନୁଯାୟୀ ଅକ୍ଷୟ କୁମାର ଶୁଟିଂରୁ ବିରତି ନେଇ ଖେରୱାରା ଥିବା ବନବାସୀ କଲ୍ୟାଣ ପରିଷଦ ହଷ୍ଟେଲ ପରିଦର୍ଶନ କରିଥିଲେ। ସେଠାରେ ସେ ପିଲାମାନଙ୍କ ସହିତ ପୂଜା ଅର୍ଚ୍ଚନା କଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ମଧ ଭାଇରାଲ ହେଇଛି। ଯେତେବେଳେ ଅଭିନେତା ସେଠାରେ ପହଞ୍ଚିଲେ, ସେତେବେଳେ ଆଳତୀ ହେଉଥିଲା । ଅଭିନେତା ଏଥିରେ ଭାଗ ନେଇଥିଲେ । ପିଲାମାନେ ତାଙ୍କୁ ଦେଖିବା କ୍ଷଣି ଖୁସି ହୋଇଯାଇଥିଲେ। ଏହା ପରେ ଅଭିନେତା ପିଲାମାନଙ୍କ ସହ କଥା ହୋଇଥିଲେ ଏବଂ ସେମାନଙ୍କ ପାଠ ପଢା ବିଷୟରେ ଜାଣିଲେ । କୁହାଯାଉଛି ଯେ ଏହା ପରେ ଅଭିନେତା ଗର୍ଲସ୍ ହଷ୍ଟେଲ ନିର୍ମାଣ ପାଇଁ ଏକ କୋଟି ଟଙ୍କା ଦେଇଛନ୍ତି।

# ମ୍ୟୁଜିକ ଆଲବମ ପ୍ରେମ ଗାଆଁର ପାଠଶାଳା



ବର୍ତ୍ତମାନ ଦୁଇଟି ମ୍ୟୁଜିକ ଆଲବମ ପ୍ରେମ ଗାଆଁର ପାଠଶାଳା ଓ ସାଧବ ରାଇଜେ ସାଧବ ରାଜାର ସୁଟିଂ କାର୍ଯ୍ୟ ଶେଷ ହୋଇଛି । ଶିବାଜୀ ସରସ୍ୱତୀ ମ୍ୟୁଜିକର ଏହି ଦୁଇଟି ଗୀତ ଆସନ୍ତା ଶିବରାତ୍ରୀ ଓ ପବିତ୍ର ଦୋଳ ପୂର୍ଣ୍ଣିମାରେ ରିଲିଜ୍ ହେବ ଏବଂ ଏହାକୁ ସମସ୍ତେ ଦେଖିବାର ସୁଯୋଗ ପାଇପାରିବେ । ପ୍ରେମ ଗାଆଁର ପାଠ ଶାଳା ରେ ହିରୋ ଅଛନ୍ତି ଯୁବ ଅଭିନେତା ରାଜେଶ୍ ସାହୁ ଓ ହିରୋଇନ୍ ଅଛନ୍ତି ତୃପ୍ତି ପାଣିଗ୍ରାହୀ । ସାଧବ ରାଇଜେ ସାଧବ ରାଜାର ହିରୋ ଶିବାଜୀ ଦାସ ଏବଂ ହିରୋଇନ୍ ଅଛନ୍ତି ଶୁଭଶ୍ରୀ ଦଳାଇ । ଶିଶୁ ହିରୋ କ୍ରୀଷ୍ଣା,ସମ୍ପୂର୍ଣ୍ଣା ମହାନ୍ତି ଏବଂ କୋରିଓ ଗ୍ରଫର୍ ରବି ସାର୍ । ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ସ୍ଥିତ ଗାଦି ମନ୍ଦିର ଓ କାଂଶ ବାଂଶ ନଦୀ କୂଳ ରେ ସୁଟିଂ କରାଯାଇଛି । ବାସୁଦେବପୁର ସଙ୍ଗୀତ କଳା ପରିଷଦର କଳାକାର ଓ ଛାତ୍ର ଛାତ୍ରୀ ମାନେ ଏଥିରେ ଅଭିନୟ କରିଛନ୍ତି । ହୋଲି ଉତ୍ସବରେ ରିଲିଜ୍ ହେବ ସାଧବ ରାଇଜେ ସାଧବ ରାଜା । ଏହାକୁ ୟୁଟ୍ୟୁବ୍ ଚାନେଲ ଓ ତରଙ୍ଗ ମ୍ୟୁଜିକକୁ ପ୍ରମୋସନ ପାଇଁ ଯିବ । ସହଯୋଗୀ ଅଛନ୍ତି ଡି ମ୍ୟୁଜିକର ନିର୍ଦ୍ଦେଶକ ତପନ କୁମାର ଦାସ । ବାଲେଶ୍ୱର, ଚାନ୍ଦିପୁର ଓ ଅନ୍ୟାନ୍ୟ ସ୍ଥାନର ମଧ କିଛି ଦୃଶ୍ୟ ସୁଟିଂ ହୋଇଛି । ସମସ୍ତ ବର୍ଗର ଦର୍ଶକ ବନ୍ଧୁ ମାନଙ୍କୁ ଏହା ଆଲବମ ନିଶ୍ଚିତ ଭଲ ଲାଗିବ ବୋଲି ଆଶା ଓ ବିଶ୍ୱାସ । ଗୀତ ସଙ୍ଗୀତ ଓ ନୃତ୍ୟ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇ ପାରିଛି ବୋଲି ପ୍ରଯୋଜକ ଓ ନିର୍ଦ୍ଦେଶକ ମତ ଦିଅନ୍ତି । ଭାଦ୍ରବ ଜିଲ୍ଲାର ବାସୁଦେବପୁର ବ୍ଲକର ଏହି ଯୁବ ଅଭିନେତା ଓ ଅଭିନେତ୍ରୀ ମାନେ ଖୁବ୍ ମନଛୁଆଁ ଅଭିନୟ କରିଛନ୍ତି ଏବଂ ସମସ୍ତେ ଏଥିରେ ନିଶ୍ଚିତ ମନ୍ତ୍ର ମୁଗ୍ଧ ହେବେ । ସମସ୍ତଙ୍କ ମଧ୍ୟରେ ଏକ ପ୍ରେମ, ସ୍ନେହ ମମତା ଶ୍ରଦ୍ଧା ଓ ସମ୍ମାନ ରହିଛି ବୋଲି ଶିବାଜୀ ଦାସ ପ୍ରକାଶ କରିଛନ୍ତି । ଈଶ୍ୱରଙ୍କ କୃପାରୁ ସମସ୍ତ କଳାକାର ମାନଙ୍କ ମଙ୍ଗଳ ହେଉ ।


ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ: ୯୯୩୭୯୭୬୩୫୧

# ମିଳୁନି ପ୍ରୋତ୍ସାହନ: କୋରାପୁଟ୍‌ରେ ଡେରା ପକାଇଛନ୍ତି ବାହାର ରାଜ୍ୟର ଅଦା ବେପାରୀ



କୋରାପୁଟ, ୨୯/୨ (ନି.ପ୍ର): ଅମଳ ପରେ ଅଦାକୁ ଗଚ୍ଛିତ ରଖିବାର କୌଣସି ବ୍ୟବସ୍ଥା ନଥିବାରୁ ଶାଗମାଛ ଦରରେ ବେପାରୀଙ୍କୁ ବିକି ଦେଉଥିବା ଚାଷୀମାନେ କହିଛନ୍ତି। କମ୍ ଦାମରେ ଅଦା ମିଳୁଥିବାରୁ କର୍ଣ୍ଣାଟକ, କେରଳ, ଆନ୍ଧ୍ର ଓ ଛତିଶଗଡ଼ ରାଜ୍ୟର ଦଲାଲମାନେ ଏଠାରେ କିଣି ନେଉଛନ୍ତି। କୋରାପୁଟର ଅଦା ଏକ ଜିଲ୍ଲା ଏକ ଉତ୍ପାଦ ତାଲିକାରେ ସ୍ଥାନ ପାଇଛି। ହେଲେ ଅଦା ଚାଷୀଙ୍କୁ ମିଳୁନି ଉଚିତ ବଜାର ମୂଲ୍ୟ। ଯାହାଫଳରେ ଚାଷୀମାନେ ଯେମିତି ଅଭାବ ଓ ଅନଟନରେ ଜୀବନ ନିର୍ବାହ କରୁଥିଲେ, ଏବେ ମଧ୍ୟ ଠିକ୍ ସେମିତି କାଳାତିପାତ କରୁଛନ୍ତି। ଚାଷୀମାନେ ଅଭାବ ଅନଟନରେ ପଡ଼ି ଶାଗମାଛ ଦରରେ କର୍ଣ୍ଣାଟକ, କେରଳ, ଆନ୍ଧ୍ର ଓ ଛତିଶଗଡ଼ର ଦଲାଲଙ୍କୁ ବିକି ଦେଉଛନ୍ତି। ସବୁଠାରୁ ଦୁଃଖର ବିଷୟ ମିଲେଟ୍‌କୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ସରକାର ଅଦା ଚାଷୀଙ୍କ କଥା ଚିନ୍ତା କରୁନାହାନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। କୋରାପୁଟ ଜିଲ୍ଲାର ଜଳବାୟୁ ଓ ଜମି ଅଦା ଚାଷ ପାଇଁ ବେଶ ଉପଯୋଗୀ। ଜିଲ୍ଲାର ପଟାଙ୍ଗି, ଲକ୍ଷ୍ମୀପୁର, ନନ୍ଦପୁର, ଲମଟାପୁଟ, କୋରାପୁଟ, ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁର ବ୍ଲକରେ ଅଦା ଚାଷ ବହୁ ପରିମାଣରେ ହେଉଥିବା ବେଳେ ଅନ୍ୟ ବ୍ଲକ ଗୁଡ଼ିକରେ ମଧ୍ୟ ଚାଷ ହେଉଛି। ପ୍ରାୟ ୪ ହଜାର ହେକ୍ଟର ଜମିରେ ଅଦା ଚାଷ ହେଉଛି। ଏହି ଚାଷରୁ ପ୍ରତିବର୍ଷ ପ୍ରାୟ ୫୦ ହଜାର ମେଟ୍ରିକ ଟନ ଉତ୍ପାଦନ ହେଉଥିବା ଉଦ୍ୟାନ କୃଷି ବିଭାଗ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଅଦା ଅମଳ ଡିସେମ୍ବର ଓ ଜାନୁଆରୀରେ ହୋଇଥାଏ। ତେବେ ସରକାର ଜିଲ୍ଲାର କଫି ଓ ମିଲେଟ ଭଳି ଅଦା ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବା ଆବଶ୍ୟକ ରହିଛି। ଏଠାରେ ସ୍ୱତନ୍ତ୍ର ବଜାର ହେଲେ ସ୍ଥାନୀୟ ଚାଷୀ ଉପକୃତ ହେବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ମଧ୍ୟ ବଢ଼ିପାରିବ। ଅମଳ ପରେ ଅଦାକୁ ଗଚ୍ଛିତ ରଖିବାର କୌଣସି ବ୍ୟବସ୍ଥା ନଥିବାରୁ ଶାଗମାଛ ଦରରେ ବେପାରୀଙ୍କୁ ବିକି ଦେଉଥିବା ଚାଷୀମାନେ କହିଛନ୍ତି। କମ୍ ଦାମରେ ଅଦା ମିଳୁଥିବାରୁ କର୍ଣ୍ଣାଟକ, କେରଳ, ଆନ୍ଧ୍ର ଓ ଛତିଶଗଡ଼ ରାଜ୍ୟର ଦଲାଲମାନେ ଏଠାରେ କିଣି ନେଉଛନ୍ତି। ଯିଏ ଯେମିତି ପାରିଲା କିଣୁଛି। ଏପରିକି କିଛି ବ୍ୟବସାୟୀ କଞ୍ଚା ଅଦାକୁ ଶୁଖାଇ ଓ ପ୍ରୋସେସିଂ କରି ନେଇଯାଉଛନ୍ତି। ସେଥିପାଇଁ ମେଶିନ୍ ମଧ୍ୟ ବସାଇଛନ୍ତି। କିଛି କିଛି ସ୍ଥାନରେ ଅଦାକୁ ପାଉଡର ଫର୍ମାଟରେ ପ୍ରସ୍ତୁତ କରାଯାଇ ନିଆଯାଉଥିବା ଦେଖିବାକୁ ମିଳୁଛି। ଅର୍ଥାତ କୋରାପୁଟ୍‌ର ଯେଉଁ ଅଦାକୁ ସେମାନେ ୪୦ରୁ ୫୦ ଟଙ୍କାରେ କିଛି ଉଚ୍ଚ ଦରରେ ବିକ୍ରି କରି ମାଲାମାଲ୍ ହେଉଛନ୍ତି। ଚାଷୀଙ୍କ ସମସ୍ୟା ନେଇ ଉଦ୍ୟାନ କୃଷି ବିଭାଗର ଉପ-ନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଜିଲ୍ଲା ଏକ ଉତ୍ପାଦ ବର୍ଗରେ କୋରାପୁଟ ଜିଲ୍ଲାର ଅଦାକୁ ମାନ୍ୟତା ଦିଆଯାଇଛି। ମାନ୍ୟତା ମିଳିବାକୁ ଦୁଇ ବର୍ଷ ହୋଇଯାଇଛି। ଏହି ମାନ୍ୟତା ମିଳିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷ କ୍ଷେତ୍ରରେ ପ୍ରୋତ୍ସାହନ, ବଜାରିକରଣ ବ୍ୟବସ୍ଥା ଓ ପ୍ରୋସେସିଂ କରିବା ଆଦି। ତେବେ ବର୍ଷେ ହେବ ଏହାର ପ୍ରୋସେସିଂ ଓ ବଜାରିକରଣ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଅନୁରୂପ ଭାବେ ଜିଲ୍ଲା ମିଶନ ଶକ୍ତିର ଡ଼ିପିଏମ ମଧ୍ୟ ଜିଲ୍ଲାର ନନ୍ଦପୁରଠାରେ ଏକ ପ୍ରୋସେଶିଂ ୟୁନିଟ୍ ସ୍ଥାପନ କରାଯାଇଛି। ସେଥିପାଇଁ ମିଶନ ଶକ୍ତି ଜରିଆରେ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଗକୁ ଗ୍ରୁପ୍ ମାଧ୍ୟମରେ ସେମିଳିଗୁଡା, ପଟାଙ୍ଗି ଓ ଲମତାପୁଟଠାରେ ଏଭଳି ପ୍ରୋସେଶିଂ ୟୁନିଟ୍ ସ୍ଥାପନ ପାଇଁ ଯୋଜନା ରହିଛି। ଏଠାରୁ ଉତ୍ପାଦନ ହେଉଥିବା ସାମଗ୍ରୀର ବ୍ୟବସାୟ ପାଇଁ ବେଙ୍ଗାଲୁରୁ ଦୁଇଟି ସଂସ୍ଥା ସହିତ ଚୁକ୍ତି ସାରିଛି ବୋଲି ଉପ-ନିର୍ଦ୍ଦେଶକ କହିଛନ୍ତି।

# ରାଉରକେଲା ଇସ୍ପାତ କାରଖାନାରେ 'ବାଣିଜ୍ୟ ଗ୍ରହଣୀୟ ଇଲେକ୍ଟ୍ରୋନିକ୍ ରିହାତି ବ୍ୟବସ୍ଥା' ଉପରେ ବିକ୍ରେତା ବୈଠକ ଅନୁଷ୍ଠିତ



ରାଉରକେଲା, ୨୯/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷଠାରେ ଫେବୃଆରୀ ୨୭ ତାରିଖରେ 'ବାଣିଜ୍ୟ ଗ୍ରହଣୀୟ ଇଲେକ୍ଟ୍ରୋନିକ୍ ଡିସକାଉଣ୍ଟିଂ ସିଷ୍ଟମ୍ (ଟ୍ରେଡ୍ସ)' ଉପରେ ଏକ ବିକ୍ରେତା ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସାମଗ୍ରୀ ପରିଚାଳନା ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ କେ ଏସ୍ ଭିର୍ଡି ଅଧ୍ୟକ୍ଷତା କରିଥିଲେ। ଏଥିରେ ଏ-ଟ୍ରେଡ୍ସର ବରିଷ୍ଠ ଗ୍ରାହକ ସମ୍ପର୍କ ପ୍ରବନ୍ଧକ ଶ୍ରୀ ବିନୟ କୁମାର ମିଶ୍ର ଏବଂ ବିତ୍ତ ଓ ଲେଖା ବିଭାଗର ଡ଼ିଜିଏମ ଶ୍ରୀ କେ କେ ବର୍ମା ବିସ୍ତୃତ ତଥ୍ୟ ରଖିଥିଲେ। ରାଉରକେଲା ଏବଂ ଏହାର ଆଖପାଖରେ ସ୍ଥିତ ମୋଟ ୧୫ ଜଣ ବିକ୍ରେତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ଭିର୍ଡି ଟ୍ରେଡ୍ସ ଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏହି ମଞ୍ଚର ଶ୍ରେଷ୍ଠ ଉପଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅଧିବେଶନ ଅବସରରେ ଶ୍ରୀ ମିଶ୍ର ବାଣିଜ୍ୟ ଗ୍ରହଣ ଯୋଗ୍ୟ ଇଲେକ୍ଟ୍ରୋନିକ୍ ଡିସକାଉଣ୍ଟିଂ ସିଷ୍ଟମ୍‌ର ବିଭିନ୍ନ ଦିଗ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ ଯାହା ଏକ ଅନଲାଇନ୍ ଇଲେକ୍ଟ୍ରୋନିକ୍ ପ୍ଲାଟଫର୍ମ ଏବଂ ଏମ୍‌ଏସ୍‌ଏମ୍‌ଇ ବିକ୍ରେତାଙ୍କ ବାଣିଜ୍ୟ ଗ୍ରହଣ ଯୋଗ୍ୟତା ଫ୍ୟାକ୍ଟ୍ରି ପାଇଁ ଏକ ଅନୁଷ୍ଠାନିକ ପ୍ରଣାଳୀ। ଶ୍ରୀ କେ କେ ବର୍ମା ଇ-ଟ୍ରେଡରେ ପଞ୍ଜୀକୃତ ବିକ୍ରେତାଙ୍କୁ ଦେୟ ପାଇଁ ବିଲ୍ ପ୍ରକ୍ରିୟାକରଣ ବିଷୟରେ ସୂଚନା ଦେଇଥିଲେ। ମତବିନିମୟ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପିତ ହେବା ସହିତ ସମସ୍ତ ଦ୍ୱନ୍ଦ୍ୱ ସ୍ପଷ୍ଟ କରାଯାଇଥିଲା। ପ୍ରାରମ୍ଭରେ ଏମଏମ ପିଆଇଭିଡ଼ି ବିଭାଗର ଡ଼ିଜିଏମ ଶ୍ରୀ ଅସୀମ ଅପୂର୍ବ ସ୍ୱାଗତ ଅଭିଭାଷଣ ପ୍ରସ୍ତୁତ କରିଥିବା ବେଳେ ଶ୍ରୀ ଭିର୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏମଏମ ପିଆଇଭିଏସ ବିଭାଗର ମ୍ୟାନେଜର ସୁଶ୍ରୀ ଅର୍ଚ୍ଚନା ଲାକ୍ରା ସଂଯୋଜନା କରିଥିଲେ। ବୈଠକରେ ଏମଏମ କ୍ରୟ ବିଭାଗର ଜିଏମ ଶ୍ରୀ ଅଜୟ ଶୁକ୍ଲା ମଧ୍ୟ ଉପସ୍ଥିତ ଥିଲେ।

## କଦମପଡା ଶିଶୁ ମନ୍ଦିରରେ 'ଜାତୀୟ ବିଜ୍ଞାନ ଦିବସ' ପାଳିତ

ବଲାଙ୍ଗିର , ୨୯/୨ (ନି.ପ୍ର): ବଲାଙ୍ଗୀର ସ୍ଥିତ କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ 'ଜାତୀୟ ବିଜ୍ଞାନ ଦିବସ'ପାଳନ କରା ଯାଇଛି । ଆଜି ବିଦ୍ୟାଳୟର କାର୍ଯ୍ୟଦିବସର ପ୍ରାରମ୍ଭିକ ସମୟରେ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଓଡିଶା ବିଜ୍ଞାନ ମଣ୍ଡଳ , ବଲାଙ୍ଗୀର ଶାଖାର ସଭାପତି ଅଭିମନ୍ୟୁ ମିଶ୍ର ତଥା ବଲାଙ୍ଗୀର ବିଜ୍ଞାନ ସାହିତ୍ୟ ପରିଷଦର ସଦସ୍ୟ ସନାତନ ଠାକୁର ବିଭିନ୍ନ ବୈଜ୍ଞାନିକ ଉପକରଣ ପ୍ରଦର୍ଶନ କରିବା ସହ ବିଭିନ୍ନ ତଥ୍ୟମୂଳକ ବିଷୟର ଆଲୋଚନା କରିଥିଲେ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପାଟଣାଗଡ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ପ୍ରଧାପକ ଡ. ଦେବରାଜ ମିଶ୍ର ଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ । ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ମଂଚାସୀନ ଅତିଥୀଙ୍କ ପରିଚୟ ପ୍ରଦାନ କରିଥିଲେ । ସ୍ୱାଗତ ସଙ୍ଗୀତ ଛାତ୍ର ଦିବ୍ୟାଂଶ ଦୀପ, ପ୍ରଭୂଦତ୍ତ ନାଏକ, ଦୀପନ୍ୱିତା ଦାଶ ଓ ଛାତ୍ରୀ ଶ୍ରୀମୟୀ ପଣ୍ଡା, ମୋନିକା ମହାପାତ୍ର, ସୁସ୍ମିତା ସାହୁ ଗାନ କରିଥିଲେ । ସଂଯୋଜନା ଛାତ୍ରୀ ଲୋପାମୁଦ୍ରା ସାହୁ ଓ ଛାତ୍ର କ୍ରିଷ୍ଣାର୍ଜୁନ ବନଛୋର କରିଥିଲେ । ଅତିଥି ନିଜ ବକ୍ତ୍ୟ ଦେଇ ଛାତ୍ରଛାତ୍ରୀ ସାର ସି.ଭି.ରମଣଙ୍କ ପରି ବିଜ୍ଞାନରେ ଖୋଜ କରିବା ପାଇଁ ଭାବାନ୍ତର ସୃଷ୍ଟି କରେଇଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା କୁଇଜ, ବୈଜ୍ଞାନିକଙ୍କ ଫଟୋ ପ୍ରଦର୍ଶନୀ, ବିଜ୍ଞାନ ପ୍ରକଳ୍ପ ଆଦି ପ୍ରତିଯୋଗିତା ଗୁଡିକର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟକ୍ଷ ମଧ୍ୟ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ମଂଚାସୀନ ଅତିଥିଙ୍କ ମଧ୍ୟରେ ସଭାପତି ଭବାନୀ ଶଙ୍କର ପଟେଲ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା ,ସଦସ୍ୟ ସନାତନ ଠାକୁର ଉପସ୍ଥିତ ଥିଲେ ।

# ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ଆସନ୍ତା ୧୫ ଦିନ ମଧ୍ୟରେ ପ୍ରଦାନ ପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି : କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ



ବାଲେଶ୍ୱର, ୨୯/୨ (ନି.ପ୍ର): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ବୁଧବାର ଦିନ ହରିପ୍ଲାଜାରେ ଅନୁଷ୍ଠିତ ବାର୍ଷିକ ସାଧାରଣ ଅଧିବେଶନରେ ଦୀର୍ଘବର୍ଷ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ପ୍ରାୟ ୬୫ଜଣ କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇ ନଥିବାରୁ ସଭାରେ କେତେକ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବୟସ୍କ କର୍ମଚାରୀମାନେ ହରିପ୍ଲାଜାକୁ ପ୍ରବେଶ ଫାଟକ ପାଖରେ ଖୋଲା ଆକାଶ ତଳେ ପ୍ରବଳ ରୌଦ୍ରତାପରେ ଧାରଣାରେ ବସିଥିବାର ଦେଖାଯାଇଥିଲା। ଅଧିବେଶନ ଆରମ୍ଭ ପୂର୍ବରୁ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ଧାରଣାକାରୀଙ୍କ ନିକଟକୁ ଆସି ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ସମବାୟ ବ୍ୟାଙ୍କ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରିଶ ଚନ୍ଦ୍ର ସାହୁ ଓ ସଂପାଦକ ବାଳକୃଷ୍ଣ ନନ୍ଦ ପ୍ରମୁଖ ଦୀର୍ଘବର୍ଷ ଧରି ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ଓ ଅର୍ଜିତ ଛୁଟିର ପ୍ରାପ୍ୟ ପ୍ରଭୃତି ଆଇନଗତ ପାଉଣା ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନରୁ ନିବୃତ୍ତ ହେବେନାହିଁ ବୋଲି ବ୍ୟାଙ୍କ୍‌ର ସଭାପତି ଶ୍ରୀ ମହାପାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଆଲୋଚନାରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଦାମୋଦର ନାୟକ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନଙ୍କ ଆଇନଗତ ପ୍ରାପ୍ୟ ତୁରନ୍ତ ପ୍ରଦାନ ପାଇଁ ବ୍ୟାଙ୍କ୍‌ର ସଭାପତିଙ୍କୁ ଅନୁରୋଧ କରିଥିଲେ। ଦୀର୍ଘ ଆଲୋଚନା ପରେ ଆନ୍ଦୋଳନକାରୀ କର୍ମଚାରୀଙ୍କର ୫ଜଣ ପ୍ରତିନିଧିଙ୍କୁ ଶ୍ରୀ ମହାପାତ୍ର ଅଧିବେଶନରେ ଯୋଗଦେବାକୁ ନିମନ୍ତ୍ରଣ ଜଣାଇଥିଲେ। ସାଧାରଣ ଅଧିବେଶନରେ ଏହି କର୍ମଚାରୀଙ୍କ ଆଇନଗତ ପ୍ରାପ୍ୟ ଆସନ୍ତା ୧୫ ଦିନ ମଧ୍ୟରେ ପ୍ରଦାନ ପାଇଁ ବ୍ୟାଙ୍କ୍‌ର ସଭାପତି ଓ ସଂପାଦକ ଆନ୍ଦୋଳନକାରୀ କର୍ମଚାରୀଙ୍କୁ ଜଣାଇଥିଲେ। ତେଣୁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତିକୁ ଭରସା କରି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ଏକ ପ୍ରେସ୍ ଇସ୍ତାହାରରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଂପାଦକ ବାଳକୃଷ୍ଣ ନନ୍ଦ ଓ ସକ୍ରିୟ ସଦସ୍ୟ ଜଳଧର ପଣ୍ଡା ଜଣାଇଛନ୍ତି।

# କାଉଂଟର ଟ୍ରେଂଚ କାମ ମେସିନ ସାହାଯ୍ୟରେ ହେଉଥିବା ଅଭିଯୋଗ

ମାଲକାନଗିରି, ୨୯/୨ (ନି.ପ୍ର): ଲୋକଙ୍କୁ ଦାଦନ ଶ୍ରମିକ ଭଳି ଦୁର୍ଦ୍ଦଶାପୂର୍ଣ୍ଣ ଜୀବନରୁ ବିରତ ରଖିବାକୁ ବର୍ଷରେ ନିଜ ଅଂଚଳରେ ଅନୁନ୍ୟ ଶହେ ଦିନର କାମ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ମନରେଗା ଭଳି ଯୋଜନା ପ୍ରଣୟନ କରଯାଇଛି। ତେବେ ପ୍ରାଶାସନିକ ଅବହେଳା ଓ ବିଭାଗୀୟ ଅଧିକାରୀଙ୍କ ଲାଂଚଖୋର ନୀତି ଯୋଗୁଁ ତୃଣମୂଳ ସ୍ତରରେ ଏହି ଯୋଜନା ସରକାରୀ ବାବୁ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ ଚାଲିଥିବା ବେଳେ ଉଭୟ ବ୍ୟାପକ ପରିମାଣରେ ଅର୍ଥ ବାଟମାରଣା କରିବା ଭଳି ଚିତ୍ର ସାମ୍ନାକୁ ଆସିଛି। କିଛି ଏଭଳି ଉଦାହରଣ କାଲିମେଳା ବ୍ଲକ ଭୁବନପଲ୍ଲୀ ପଂଚାୟତ ଅନ୍ତର୍ଗତ ଏମଭି ୧୧୫ ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ଏହି ଗ୍ରାମ ନିକଟସ୍ଥ ପାହାଡରେ ପାଣି ସରଂକ୍ଷଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୬ ଲକ୍ଷ ୩୦ ହଜାର ୨୯୨ ଟଙ୍କା ବ୍ୟୟବରାଦରେ ଏକ କାଉଂଟର ଟ୍ରେଂଚ କାମ ଆରମ୍ଭ ହୋଇଥିଲା। ସ୍ଥାନୀୟ ଲୋକଙ୍କୁ ନେଇ କରାଯିବାକୁ ଥିବା ଏହି କାମକୁ ବିଭାଗୀୟ କର୍ମଚାରୀ ମାନେ ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତିଙ୍କ ସହଯୋଗରେ ମେସିନ୍ ଯୋଗେ କାମ କରାଇଥିବା ଅଭିଯୋଗ ହୋଇଛି। ସୂଚନା ପାଇ ସ୍ଥାନୀୟ ଅଂଚଳର କିଛି ଲୋକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଖବର ଦେବାରୁ ଗଣମାଧ୍ୟମର କିଛି ପ୍ରତିନିଧି ଘଟଣା ସ୍ଥଳରେ ପହଁଚିବା ବେଳେ ଉକ୍ତ ବ୍ୟକ୍ତି ଜଣଙ୍କ ମେସିନକୁ ସେଠାରୁ ହଟାଇ ଦେଇଥିଲେ। ମେସିନ୍ ଯୋଗେ ମନରେଗା କାମ ଚାଲିଥିବା ନେଇ ପଂଚାୟତର ରୋଜଗାର ସେବକକୁ ଯୋଗାଯୋଗ କରିବାରୁ ସେ ଘଟଣା ସ୍ଥଳକୁ ଯାଇ ପାହାଡିଆ ଅଂଚଳ ହୋଇଥିବାରୁ ମେସିନ ଯୋଗେ ପଥୁରିଆ ମାଟି କଢ଼ାଯାଇଥିବ ବୋଲି ଅନୁମାନ ଛଳରେ କହିଛନ୍ତି। ଅନ୍ୟପଟେ ଗ୍ରାମକୁ ଲାଗି ରହିଥିବା ଏହି ପାହାଡରେ ଲୋକେ କାମ କରିବାକୁ ସୁଯୋଗ ପାଉନଥିବା ବେଳେ ମେସିନ୍ ଯୋଗେ କାମ କରାଯିବା ଘଟଣା ମନରେଗା ଯୋଜନାରେ ରହିଥିବା ସରକାରୀ ବାବୁ ଓ ତୃତୀୟ ବ୍ୟକ୍ତିଙ୍କ ଉପସ୍ଥିତିକୁ ଦର୍ଶାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏକ ଟିମ୍ ଗଠନ କରି ଏଭଳି କାର୍ଯ୍ୟର ତଦାରଖ କଲେ ଏକ ବଡ ଧରଣର ଅର୍ଥ ହରି ଲୁଟ ତଥ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବଲାଣି ଖଣି ପକ୍ଷରୁ ଦିବ୍ୟାଙ୍ଗ ଓ ବରିଷ୍ଠଙ୍କୁ ନିଃଶୁଳ୍କ ସହାୟକ ଉପକରଣ ପ୍ରଦାନ

ବଲାଣି, ୨୯/୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରତ୍ନ କମ୍ପାନୀ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ବଲାଣି ଲୌହ ଖଣିର ଔଦ୍ୟୋଗିକ ସାମାଜିକ ଦାୟିତ୍ୱ (ସି ଏସ୍ ଆର) ପରିଯୋଜନା ଅଧିନରେ ଆର୍ଥିକ ବର୍ଷ ୨୦୨୩-୨୦୨୪ ନିମନ୍ତେ ଖଣିର ପାରିପାର୍ଶ୍ୱରେ ଥିବା ବିଭିନ୍ନ ଗ୍ରାମର ଦିବ୍ୟାଙ୍ଗଜନ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ସହାୟକ ଉପକରଣ ପ୍ରଦାନ କରିବାରେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଛି । ଏହି କ୍ରମରେ ବୁଧବାର ସ୍ଥାନୀୟ ଜବାହରଲାଲ ନେହେରୁ ଚିତ୍ତବିନୋଦନ କେନ୍ଦ୍ର ଠାରେ ଖଣିର ସି ଏସ୍ ଆର୍ ବିଭାଗ ପକ୍ଷରୁ ଦିବ୍ୟାଙ୍ଗଜନ ଓ ବରିଷ୍ଠ ନାଗରିକ ନିମନ୍ତେ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଖଣି ପକ୍ଷରୁ ୩୦ ଜଣ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଜନଙ୍କୁ ୧୨୦ଗୋଟି ଉପକରଣ ପ୍ରଦାନ କରାଯାଇଥିଲା । ଏଥିରେ ୩ଚକିଆ ସାଇକେଲ, ହ୍ୱିଲ୍ ଚେୟାର, ଏଲବୋ କ୍ରଚ୍, ଚାଲିବା ସହାୟକ ବାଡ଼ି, କାଖ ବାଡ଼ି, ବ୍ରାଏଲ କେନ୍, ଏମ ଏସ୍ ଆଇ ଇଡି କିଟ, ସ୍ମାର୍ଟ କେନ୍, ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗ ରହିଥିବା ବେଳେ ବରିଷ୍ଠ ନାଗରିକଙ୍କ ନିମନ୍ତେ କମୋଡ଼ ହ୍ୱିଲ୍ ଚେୟାର, ସାଧାରଣ ହ୍ୱିଲ୍ ଚେୟାର, ଚାଲିବା ସହାୟକ ବାଡ଼ି, ଏଲ ଏସ୍ ବେଲ୍ଟ, ନି ବ୍ରେସ , ଫୁଟ କେୟାର ୟୁନିଟ, ଶ୍ରବଣ ଯନ୍ତ୍ର, ଟ୍ରାଇପଡ଼ ଓ ଟେଟ୍ରା ପୋଡ଼ ଆଦି ବିତରଣ କରାଯାଇଥିଲା । ବଲାଣି ଖଣିର ସି ଏସ୍ ଆର୍ ମୁଖ୍ୟ ତଥା ସିଭିଲ ବିଭାଗର ଉପମହାପ୍ରବନ୍ଧକ ଉମେଶ ପ୍ରସାଦଙ୍କ ତତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମରେ ବଲାଣି ଖଣିର ମୁଖ୍ୟ ମହାପ୍ରନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଖଣିର ମହାପ୍ରନ୍ଧକ(କଣ୍ଟ୍ରାକ୍ଟ ସେଲ୍) ଗୁରୁଚରଣ ହେମ୍ବ୍ରମ, ବଲାଣି ଡାକ୍ତରଖାନାର ମୁଖ୍ୟ ଥାନେଶ୍ୱର ସୋରେନ , ଉପମହାପ୍ରବନ୍ଧକ (ଖଣି) ବିଭୁତି ନାରାୟଣ ସିଂହ , ଉପମହାପ୍ରବନ୍ଧକ(ବିଦ୍ୟୁତ) ଉତ୍କର୍ଷ ଗୌରବ, ସହପ୍ରବନ୍ଧକ(ସିଭିଲ) ସଂଜୀବ କୁମାର, ବାଲାଗୋଡ଼ା ପଂଚାୟତର ସରପଞ୍ଚ ଗୌରୀ ଖୁଣ୍ଟିଆଙ୍କ ପ୍ରତିନିଧି ଅମ୍ରିତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ କର୍ମଚାରୀ ଦିଲୀପ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସିଭିଲ ବିଭାଗର ଅଧିକାରୀ ସଂଜୀବ କୁମାର କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲା: ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲଦଣ୍ଡ, ୨୦ ହଜାର ଟଙ୍କା ଜରିମାନା



ଭଦ୍ରକ, ୨୯/୨ (ନି.ପ୍ର): ନାବାଳିକା ଯୌନ ନିର୍ଯାତନା ମାମଲାରେ ଭଦ୍ରକ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ମିନତୀ ପଣ୍ଡା ଆଜି ଧାମନଗର ଥାନା ଭଗିବିନ୍ଧା ଗ୍ରାମର ରମେଶ କୁଣ୍ଡୁଙ୍କ ପୁତ୍ର ତଥା ଦୁଷ୍କର୍ମକାରୀକୁ ମୋହନ କୁମାରକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପୁନଶ୍ଚ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାଯାଏ ୨୦୨୨ ମସିହା ଜାନୁଆରି ମାସ ୧୩ ତାରିଖ ସନ୍ଧ୍ୟା ସମୟରେ ଧାମନଗର ଥାନା ଭଗିବିନ୍ଧା ଗ୍ରାମର ଜନୈକ ନାବାଳିକାକୁ ସେହି ଗ୍ରାମର ମୋହନ କୁଣ୍ଡୁ (୩୪ ବର୍ଷ) କୁରକୁରେ ଓ ଚକଲେଟ ଦେଇ ରେବ ନଦୀ କୂଳକୁ ନେଇ ଦୁଷ୍କର୍ମ କରିଥିଲା। ଏ କଥା କାହାରିକୁ କହିଲେ ଜୀବନରୁ ମାରି ଶେଷ କରିଦେବାକୁ ଧମକ ଦେଇଥିଲା। ବିଳମ୍ବିତ ରାତିରେ ନାବାଳିକା ଜଣଙ୍କ କାନ୍ଦିକାନ୍ଦି ନିଜ ମା' ପାଖରେ ସମସ୍ତ ବିଷୟ କହିଥିଲା। ତା ପରଦିନ ପୀଡ଼ିତାର ମା' ଏ ବିଷୟରେ ଧାମନଗର ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଧାମନଗର ଥାନା ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ସେହିମାସ ୧୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମୋହନ କୁମାର ବିଚାରାଧୀନ ବନ୍ଦୀ ଭାବେ ଅଦ୍ୟାବଧି ଜେଲରେ ଥିବାବେଳେ ଏହି ରାୟ ପ୍ରକାଶ ପାଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ବଟକୃଷ୍ଣ ଦାସ ଓ ପ୍ରଦୀପ ମହାପାତ୍ର ମାମାଲାର ପରିଚାଳନା କରୁଥିଲେ।

# ବାଲିପଡ଼ା ସରକାରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟର ଜାତୀୟ ବିଜ୍ଞାନ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୨୯/୨ (ନି.ପ୍ର): ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୮ ରେ ଅବସ୍ଥିତ ବାଲିପଡ଼ା ସରକାରୀ ନୋଡାଲ ଉ. ପ୍ରା. ବିଦ୍ୟାଳୟର ଜାତୀୟ ବିଜ୍ଞାନ ଦିବସ ମହାସମାରୋହର ସହ ପାଳିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୂର୍ଣ୍ଣପ୍ରଭା ପ୍ରଧାନ ଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବି. ଇ. ଓ. ହରିହର ଦଳାଇ, ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ପରିଡା, ରାଜ୍ୟପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣଚନ୍ଦ୍ର ମିଶ୍ର, ସି. ଆର. ସି. ସି. ମଳୟକୁମାର ଜେନା ଯୋଗଦାନ କରିଥିଲେ । ଉତ୍ସବର ପ୍ରାରମ୍ଭରେ ମୁଖ୍ୟଅତିଥି ଦଳେଇ ସି. ଭି. ରମଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ତତ୍ପରେ ଅତିଥିମାନେ ସି. ଭି. ରମଣ ଏବଂ ରାମାନୁଜମଙ୍କ ସମ୍ପର୍କରେ ମୂଲ୍ୟବାନତଥ୍ୟ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଜଣାଇଥିଲେ । ପରେ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ଗୁଡିକୁ ଅତିଥିମାନେ ବୁଲିଦେଖିବାସହ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ଉଭୟ ପ୍ରକଳ୍ପ ଗୁଡିକ ମଧ୍ୟରୁ ଶ୍ରେଷ୍ଠ ୬ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା କ୍ଷ ଶେଷରେ ବରିଷ୍ଠ ଶିକ୍ଷକ ଗୋଦାବରୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲୀପ ପଡିହାରୀ, ନିରଞ୍ଜନ ପଣ୍ଡା, ରଂଜିତ ସାହୁ, ଶ୍ରୀମତୀ ନିରୁପମା ତ୍ରିପାଠୀ, ଶ୍ରୀମତୀ ସ୍ୱର୍ଣ୍ଣକ୍ଷଞ୍ଜଳି ଦାଶ, ଶ୍ରୀମତୀ ସେବତୀ ମଳିକ, ଶ୍ରୀଯୁକ୍ତ ଗୋବିନ୍ଦ ସେନାପତି ସାହାଯୋଗିତା କରିଥିଲେ ।

# ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ




ବାସୁଦେବପୁର, ୨୯/୨ (ନି.ପ୍ର): ବାସୁଦେବପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ହୋଟେଲ ସ୍ନେହା ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ରାଜ୍ୟ ବୁଦ୍ଧିଜୀବୀ ସେଲ ର ସଂଯୋଜକ ଡକ୍ଟର ପ୍ରତାପ ନାୟକ, ଯୁବ ମୋର୍ଚ୍ଚା ର ରାଜ୍ୟ ସମ୍ପାଦକ ମାନସ ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ଜୟ ପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ନିର୍ବାଚନ ପାଇଁ ଆମ ରାଜ୍ୟ ସରକାର ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିଆ ପାଳ ଘାଟ ଓ ଚାରି ବାଟିଆ ଘାଟ ରେ ମନ୍ତେଇ ନଦୀ ଉପରେ ଯେଉଁ ପୋଲ ନିର୍ମାଣ ହେବ ତାହାର ଶୁଭ ଭୂମି ପୂଜନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକୁ ମଧ୍ୟ ବିଜେପି ପକ୍ଷରୁ ସମାଲୋଚନା କରାଯାଇଛି । ଫେବୃୟାରୀ ୨୭ ତାରିଖ ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଭୂମି ପୂଜନ ଉତ୍ସବର ଶୁଭ ଦିଆଯାଇଛି । ବିଜେପି ଅଭିଯୋଗ କରିଛି ଯେ ଦୀର୍ଘ ବର୍ଷ ଧରି ଓଡ଼ିଶା ରାଜ୍ୟରେ ବିଜୁ ଜନତା ଦଳର ସରକାର ଶାସନ କରୁଛି । କିନ୍ତୁ ଆଜି ପର୍ଯ୍ୟନ୍ତ ପୋଲ ନିର୍ମାଣ ହୋଇ ପାରିଲା ନାହିଁ । ଲକ୍ଷ ଲକ୍ଷ ଲୋକ ପ୍ରତ୍ୟେକ ଦିନ ମନ୍ତେଇ ନଦୀ ରେ ଡଙ୍ଗା ପାର ହୋଇ ଯାଉଛନ୍ତି କିନ୍ତୁ ସେମାନଙ୍କ ଦୁଃଖ ଅନେକ ରହିଛି । ନିର୍ବାଚନ ଆସିଗଲେ ଭୋଟ ହାତେଇବା ପାଇଁ ଏହି ବିଜେଡ଼ି ସରକାର ଅନେକ ମିଥ୍ୟା ପ୍ରହସନ କରି ଚାଲିଛନ୍ତି ବୋଲି ବିଜେପି ଅଭିଯୋଗ କରିଛି ।

# ବ୍ରାହ୍ମଣଦା ପଂଚାୟତ କଂଗ୍ରେସ ସଭାପତିଙ୍କ ମାତୃ ବିୟୋଗ

ବସ୍ତା, ୨୯/୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଦା ପଂଚାୟତ କଂଗ୍ରେସ ସଭାପତି ବ୍ରଜେନ୍ଦ୍ର ଗିରି (ବାପି) ଙ୍କ ମା ଧର୍ମ ପରାୟଣା ସୀତା ମଣି ଗିରି ଙ୍କ(୭୩) ବିୟୋଗ ଘଟଛି ଶ୍ରୀମତୀ ଗିରି ଦୀର୍ଘ ଦିନ ଧରି ହୃଦ ରୋଗ ର ପିଡୀତ ଥିଲେ। ଗତକାଲି ରାତିରେ ହଠାତ୍ ଅସୁସ୍ଥ ସୋଇପଡ଼ିଥିଲେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆ ଯାଇଥିଲା ମାତ୍ର ଡଃ ମୃତ୍ୟୁ ଘୋଷଣା କରିଥିଲେ। ମୃତ ଶରୀରର ନିକଟ ରେ ତିନି ପୁଅ ତିନି ବହୁ ପୁତୁରା ଝିଆରୀ ଭଣଜା ଜ୍ୱାଇଁ ସମେତ ଆତ୍ମୀୟ ସୋଜନ ଉପସ୍ଥିତ ଥିଲେ। ଖବର ପାଇ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଶୋକ ପ୍ରକାଶ କରିଥିଲା ବେଳେ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନା ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ ଜିଲ୍ଲା କଂଗ୍ରେସ କିଶାନ ସଭାପତି ଜୟନ୍ତ କୁମାର ମହାପାତ୍ର ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଦ୍ୟୁତି କୃଷ୍ଣ ଦାସ ମହାପାତ୍ର ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ବ୍ରାହ୍ମଣଦା ପଂଚାୟତ ଯୁବ କଂଗ୍ରେସ ସଭାପତି ଶୁଶାନ୍ତ କୁମାର ପରିଡ଼ା ପହଂଚି ମର ଶରୀର ରେ ପୁଷ୍ପ ମାଲ୍ୟାର୍ପଣ କରି ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ସେହିପରି ବସ୍ତା ମା ମଙ୍ଗଳା ଅଟୋ ସଂଘର ସଭାପତି ବିଭୁତି ଭୁଷଣ ପ୍ରଧାନ ପରିଜା ବାବୁ ତପନ ଦାସ ଲିପୁନ ଦାସ ପ୍ରମୁଖ ମର ଶରୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମେଡ଼ିକାଲ କଲେଜର ନିର୍ମାଣ ପାଇଁ ହରାଇଥିବା ଜାଗା ଦେବାକୁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ରଶ୍ମୀ

ବଲାଙ୍ଗିର, ୨୯/୨ (ନି.ପ୍ର): ପ୍ରଶାସନ ଏ ପର୍ଯ୍ୟନ୍ତ ନିଜ କଥା ରଖିନାହିଁ । ଆମ ଜାଗାରେ ବଲାଙ୍ଗିର ମେଡ଼ିକାଲ୍ କଲେଜ୍ ର ଗେଟ୍ ନିର୍ମିତ ହୋଇଛି। ଏଇ ଜାଗା ବଦଳରେ ଆମକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଲଗା ଜାଗା ଦିଆଯାଇଛି ସତ, ଅଥଚ ଏ ପର୍ଯ୍ୟନ୍ତ ସେହି ଜାଗାର ପଟ୍ଟାପାର୍ଚ୍ଚା ଆମକୁ ମିଳି ପାରିନାହିଁ। ଏପରିକି ଅନ୍‌ଲାଇନ୍ ରେ ସେ ଜାଗାର ସ୍ଥିତି ଦେଖିଲେ ବି ତାହା ଆମ ନାମରେ ପ୍ରଦର୍ଶିତ ହେଉନାହିଁ। ଏଭଳି ଏକ ଅଭିଯୋଗ ନେଇ ଆଜି ରଶ୍ମି ଦାସ ନାମ୍ନୀ ଜଣେ ମହିଳା ନିଜ ପରିବାରବର୍ଗଙ୍କ ସହ ବଲାଙ୍ଗିର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଆସନ୍ତା ୩ ତାରିଖ ଦିନ ବଲାଙ୍ଗିର ମେଡ଼ିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ର ରୋଗୀଙ୍କ ପାଇଁ ନିର୍ମିତ ବିଲଡ଼ିଂ ଉଦ୍‌ଘାଟିତ ହେବାକୁ କାର୍ଯ୍ୟକ୍ରମ ରହିଥିବା ବେଳେ ଏପର୍ଯ୍ୟନ୍ତ ବଲାଙ୍ଗିର ମେଡ଼ିକାଲ୍ କଲେଜ୍‌ର ଗେଟ୍ ନିର୍ମିତ ହୋଇଥିବା ସ୍ଥାନ ବଦଳରେ ହିତାଧିକାରୀଙ୍କୁ ଆଇନତଃ ଜାଗା ପ୍ରଦାନ କରାଯାଇନାହିଁ। ଯଦି ୩ ତାରିଖ ପୂର୍ବରୁ ଆମକୁ ମିଳିଥିବା ସ୍ଥାନର ପଟ୍ଟାପାର୍ଚ୍ଚା ନ ମିଳେ, ତେବେ ସେଦିନ ଉଦ୍‌ଘାଟନ ସମୟରେ ଆମେ ଆନ୍ଦୋଳନରେ ବସିବୁ ବୋଲି ରଶ୍ମି ଦାସ ପ୍ରକାଶ କରିଛନ୍ତି ।

# ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ବାସୁଦେବପୁର, ୨୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ର ଆନ୍ଦୋଳା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ରଘୁନାଥ ବାରିକ ଏଥିରେ ସଭାପତିତ୍ୱ କରିଥିଲେ । ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିକାଶ ଚନ୍ଦ୍ର କାଠ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଦ୍ୟାଳୟ ସଭାପତି ସୁଧାକର ବାରିକ୍, ସସ୍ମିତା ତିଆଡି, କ୍ରୀଡା ଶିକ୍ଷକ ସୁଶାନ୍ତ ଖିଲାର, ନୀଳାମ୍ବର ପୁହାଣ, ଜ୍ୟୋତିର୍ମୟୀ ନାୟକ, ଜଗବନ୍ଧୁ ବାରିକ୍, ନବ କିଶୋର ବାରିକ୍, ହୃଷୀକେଶ ପଣ୍ଡା, ଖଗେଶ୍ୱର ବାରିକ୍, ବିଚିତ୍ର ନାୟକ, ମାନସ ଦାସ, ଆଶିଷ ନାୟକ ପ୍ରମୁଖ କାର୍ଯକ୍ରମ କୁ ସଫଳ କରିଥିଲେ । ଏହି ଉତ୍ସବରେ ସାହିତ୍ୟ ସୃଜନୀ କ୍ଲବ୍ ପକ୍ଷରୁ କବିତା ଆବୃତ୍ତି, ଗଳ୍ପ ଲିଖନ, ପୁସ୍ତକ ସମୀକ୍ଷା, ପ୍ରାଚୀର ପତ୍ର ଉନ୍ମୋଚନ ଓ ସଂପାଦକୀୟ ପଠନ କରାଯାଇଥିଲା । କୌଶଳି କ୍ଲବ୍, ଜିଜ୍ଞାସା କ୍ଲବ୍, କ୍ରୀଡା ଙ୍ଗନ୍ ପକ୍ଷରୁ ବିଭିନ୍ନ ଅନୁଭୂତି ବ୍ୟାଖ୍ୟା କରାଯାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ଛାତ୍ର ଛାତ୍ରୀ ମାନେ ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ୧୫ ବର୍ଷିଆ ନାବାଳିକା ଦୁଷ୍କର୍ମ ମାମଲାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଓ ୨୦ ହଜାର ଜୋରିମାନା

କନ୍ଧମାଳ, ୨୯/୨ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ୍ କୋର୍ଟ ର ବିଚାରପତି ମିହିର୍ ରଞ୍ଜନ ପରିଡ଼ା ଏକ ୧୫ ବର୍ଷୀୟା ନାବାଳିକା ର ଦୁଷ୍କର୍ମ ମାମଲାର ୧୧ଜଣ ସାକ୍ଷୀ,ଡାକ୍ତରୀ ରିପୋର୍ଟ୍ ଆଧାର ରେ ବିଚାର କରି ସରୋଜ ସାଣ୍ଟ (୨୬) କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ତାକୁ ଅଧିକ ୧୦ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାର ଙ୍କ ପକ୍ଷରୁ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ। ସୁଚନା ଅନୁସାରେ ୨୦୧୭ ମସିହା ଜୁନ୍ ମାସ ୨୩ ତାରିଖ ଦିନ ଅଭିଯୁକ୍ତ ପୀଡିତା କୁ ଅପହରଣ କରିନେଇ ଗୋଛାପଡା ଥାନା ଅନ୍ତର୍ଗତ ସଲାଗୁଡା ଗ୍ରାମରେ, ତା’’ର ମାଉସୀ ଘରେ ରଖି ୧୫ ଦିନ କାଳ,ବ୍ୱାହ ର ପ୍ରଲୋଭନ ଦେଖାଇ ଜୋର ଜବରଦସ୍ତି ତା ସହିତ ଦୁଷ୍କର୍ମ କରିଥିଲା। ଲୋକ ମାନଙ୍କ ଠାରୁ ଖବର ପାଇ ପୀଡିତା ର ବାପା ଏ ସମ୍ବନ୍ଧରେ ଫିରିଙ୍ଗିଆ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ଥାନାଧିକାରୀ ଏକ ମାମଲା ୬୯/୧୭ ରୁଜୁ କରି ଜୁଲାଇ ୧୧ ତାରିଖ ଦିନ ଫିରିଙ୍ଗିଆ ବ୍ସ୍ ଷ୍ଟାଣ୍ଡରୁ ପିଡୀତାକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ରେ ହାଜର କରେଇଥିଲେ। ଆଜି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ଏବଂ ପିଡୀତା ଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କର୍ବି। ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ଭାଇଚାରାରେ ସମାପନ ହେଲା ସର୍ବଭାରତୀୟ ଉର୍ଦ୍ଧୁ କବି ସମ୍ମିଳନୀ

ଧର୍ମଶାଳା, ୨୯/୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ମୋସାଇରା ପଡିଆରେ ସର୍ବଭାରତୀୟ ଉର୍ଦ୍ଧୁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବିଏମସି ୟୁଥ୍ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସର୍ବଭାରତୀୟ ଉର୍ଦ୍ଧୁ କବି ସମ୍ମିଳନୀ ଭାଇଚାରା ଓ ଶାନ୍ତିଶୃଙ୍ଖଳାର ସମାପନ ହୋଇଛି । ବିଶ୍ୱଭାତୃତ୍ୱ,ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହ ମଣିଷ ରକ୍ତରେ ସବୁ ସମ୍ପର୍କ ବନ୍ଧା ହୋଇଛି । ଯେଉଁ ମାଟିରେ ଜନ୍ମ ହୋଇଛନ୍ତି ସେହି ମାଟିରେ ମିଶିବୁ, କିନ୍ତୁ ସବୁ ଦିନ ରହିବ ଛାଡି ଯାଇଥିବା ସମ୍ପର୍କକୁ ନେଇ କବିମାନେ ମତବ୍ୟକ୍ତ କରିଥିଲେ । ଏହା ସହିତ ଏକତ୍ର ହୋଇ ରହିଲେ ହିନ୍ଦୁସ୍ଥାନକୁ କେହି ବଦନାମ କଲେ ବା ଅଶାନ୍ତିର ବାତାବରଣ ସୃଷ୍ଟି କଲେ ମଧ୍ୟ କିଛି ଫରକ ପଡିବ ନାହିଁ । କୁନି କବିଙ୍କ ପ୍ରବଚନରେ ହଜାର ହଜାର ଦର୍ଶକଙ୍କ ମନମୋହି ନେଇଥିଲା । ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ସଭା ସାଂସଦ ସୁଲତା ଦେଓ,ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ବରୀ ବିଧାୟିକା ସୁନନ୍ଦା ଦାସ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ,ସମିତିସଭ୍ୟା ରୁକସାନା ପରୱିନସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ବ୍ରହ୍ମବରଦା ଏକ ଭାଇଚାରାର ଅଂଚଳ ଭାବେ ଭାରତ ତଥା ବିଶ୍ୱରେ ଏହା ପରିଚୟ ସୃଷ୍ଟି କରିପାରିଛି । ଏଠାରେ ଯେଉଁ କାର୍ଯ୍ୟକ୍ରମ ହୁଏ ତାହା ଭାଇଚାରା ଓ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇ ଅନ୍ୟ ଅଂଚଳ ପାଇଁ ଉଦାହରଣ ସୃଷ୍ଟି ହୋଇ ପରିଛି ବୋଲି ରାଜ୍ୟସଭା ସାଂସଦ ଶ୍ରୀମତି ସୁଲତା ଦେଓ ଓ ବିଧାୟିକା ଶ୍ରୀମତି ଦାସ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ କାର୍ଯ୍ୟକ୍ରମରେ କବି ନେହେମତୁଲ୍ଲା ରେହେମାନୀ(ସୀତାମଣି ବିହାର),ଗାୟକ ତବ୍‌ରେଜ ହାସମୀ(କିଶାନଗଞ୍ଜ ,ବିହାର),ମୋଜାମିଲ୍ ହାୟାତ୍(ଦିଲ୍ଲୀ),ଅଦନାନ୍ ପ୍ରତାପଗଡି(ଉତର ପ୍ରଦେଶ),ଆସାଦ୍ ଆଜମୀ(ଉତର ପ୍ରଦେଶ),ସାହିଦ୍ ଗହର(ମୁମ୍ବାଇ) ଓ ନଜମୁଲ ହାସନ(ଉତର ପ୍ରଦେଶ) ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ବହୁ ଉପାଦେୟ ବାର୍ତା ପ୍ରଦାନ କରିଥିଲେ । ବିଏମସି ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯୁବକମାନେ ବହୁ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ନେଇଥିଲେ । କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରୋତା ଉପସ୍ଥିତ ରହିଥିଲେ । ବିଲମସି କମିଟିର ସମସ୍ତ ବରିଷ୍ଠ ଓ କନିଷ୍ଠ କର୍ମକର୍ତା ଓ ସ୍ଥାନୀୟ ମୁରବୀ,ସ୍ଥାନୀୟ ନେତୃ ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

AFFIDAVIT

An affidavit before the executive Magistrate Balasore, I, Sk. Maijit, aged 41 years, S/o. Sk. Tajuruddin, At-Mayadharapur, P.o.-Bhimpur, P.S.- Sadar, Dist. - Balasore . Declare that my correct name is SK. Maijit in my Aadhaar Card vide No. 855503169886. But my name has been inadvertently mentioned in my LIC Policy vide Policy No. 584743421 as Sekh Masjid Mahammad. So both the names are one and same person. Henceforth I will be known as Sk. Maijit in all purpose.

Sk. Maijit

# ଜିଲ୍ଲାରେ ପ୍ରଥମ ଥର ନିମନ୍ତେ ଅବସରଦିନ ଫାଇନାଲ ପେନସନ ମଞ୍ଜୁରୀପତ୍ର ପାଇଲେ ଶିକ୍ଷୟିତ୍ରୀ

କେନ୍ଦ୍ରାପଡ଼ା, ୨୯/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ ଥର ନିମନ୍ତେ ଜନୈକ ଶିକ୍ଷୟିତ୍ରୀ ଅବସର ଦିନ ଫାଇନାଲ ପେନସନ ମଞ୍ଜୁରୀପତ୍ର ପାଇଥିବା ଦେଖାଯାଇଛି। କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଭରତପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ଆଜି କାର୍ଯ୍ୟରୁ ଅବସର ନେଇଥିବାବେଳେ ତାଙ୍କୁ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଫାଇନାଲ ପେନସନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ଉତ୍ସବରେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ବାରିକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରି ତାଙ୍କୁ ଫାଇନାଲ ପେନସନ ମଞ୍ଜୁରୀ କାଗଜପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୋଡାଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଅଞ୍ଜନା ସ୍ୱାଇଁ, ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ରାଜକିଶୋର ବିଶ୍ୱାଳ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ବି.ଆର.ସି.ସି. ହିରଣ୍ୟ ବାରିକ, ଉପଦେଷ୍ଟା ମାନଭଞ୍ଜନ ପ୍ରଧାନ, କର୍ମଚାରୀ ସୂର୍ଯ୍ୟନାରାୟଣ ବିଶ୍ୱାଳ, ଅବିନାଶ ବଳ, ସୁଜିତ କୁମାର ରାଉତଙ୍କ ସମେତ ସି.ଆର.ସି.ସି.ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଶିକ୍ଷୟିତ୍ରୀ ଶ୍ରୀମତୀ ବାରିକ ପେନସନ ନିମନ୍ତେ ଅନ୍‌ଲାଇନ୍‌ରେ ଗତ ଜାନୁଆରୀମାସ ୨୭ତାରିଖରେ ଆବେଦନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ଦଳାଇ ସେହି ଆବେଦନକୁ ଚଳିତମାସ ୩ ତାରିଖରେ ଅନୁମୋଦନ ସହ କଂଟ୍ରୋଲର ଅଫ୍ ଆକାଉଂଟସଙ୍କୁ ପଠାଇଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ବାରିକଙ୍କ ଫାଇନାଲ ପେନ୍‌ସନ ମଞ୍ଜୁର ହୋଇ ଚଳିତମାସ ୨୦ତାରିଖରେ ଅନଲାଇନ୍ ଯୋଗେ ତାଙ୍କ ନିକଟରେ ପହଂଚିଥିବା ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଦଳାଇ ସୂଚନା ଦେଇଛନ୍ତି। ପେନସନ ପାଇଁ ଅନଲାଇନ ଆବେଦନ ସିଷ୍ଟମ ଲାଗୁ ହେବା ପରେ ଆଉ ଶିକ୍ଷକମାନେ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ଶ୍ରୀ ଦଳାଇ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସଙ୍କଟ ଟାଳିଲା କଂଗ୍ରେସ....

କିନ୍ତୁ ସେମାନଙ୍କ ବିରୋଧରେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ସୁଖୁ ସରକାର ବାରମ୍ବାର ବୀରଭଦ୍ର ସିଂହଙ୍କ ଲିଗାସିକୁ ଅଣଦେଖା କରି ଚାଲିଛନ୍ତି। ଆମ ଚିନ୍ତାକୁ ହାଇକମାଣ୍ଡ ମଧ୍ୟ ଗୁରୁତ୍ୱ ଦେଉ ନାହାନ୍ତି। ଆଗାମୀ ଲୋକସଭା ନିର୍ବାଚନରେ କଂଗ୍ରେସ ଏଠାରେ ଭଲ ପ୍ରଦର୍ଶନ କରିପାରିବ ନାହିଁ।" ହିମାଚଳ ପ୍ରଦେଶ ବିଧାନସଭାର ୬ ଜଣ କଂଗ୍ରେସ ବିଧାୟକ ଅଯୋଗ୍ୟ ଘୋଷିତ। ଆଜି ବାଚସ୍ପତି କୁଳଦୀପ ସିଂହ ପଠାନିଆ ଏମାନଙ୍କୁ ବିଧାନସଭା ସଦସ୍ୟ ପଦରୁ ବହିଷ୍କାର କରିଛନ୍ତି। ଦଳ ବଦଳ ନିରୋଧୀ ଆଇନ ଆଧାରରେ ଏହି ୬ ଜଣ କଂଗ୍ରେସ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି ବାଚସ୍ପତି। ଅଯୋଗ୍ୟ ଘୋଷିତ ହୋଇଥିବା ବିଧାୟକମାନେ ହେଉଛନ୍ତି, ରାଜେନ୍ଦ୍ର ରାଣା, ସୁଧୀର ଶର୍ମା, ଇନ୍ଦ୍ର ଦତ୍ତ ଲଖନପାଲ, ଦେବେନ୍ଦ୍ର କୁମାର ଭୁଟୋ, ରବି ଠାକୁର ଏବଂ ଚେତନ୍ୟ ଶର୍ମା। ପ୍ରକାଶ ଥାଉ କି, ହିମାଚଳ ପ୍ରଦେଶ ରାଜ୍ୟସଭା ନିର୍ବାଚନରେ କଂଗ୍ରେସର ୬ ଜଣ ବିଧାୟକ ଓ ସରକାରଙ୍କୁ ସମର୍ଥନ କରୁଥିବା ୩ ଜଣ ସ୍ୱାଧୀନ ବିଧାୟକ କ୍ରସ ଭୋଟିଂ କରିଥିଲେ। ଫଳରେ କଂଗ୍ରେସ ଦେଇଥିବା ରାଜ୍ୟସଭା ପ୍ରାର୍ଥୀ ପରାଜିତ ହୋଇଥିଲେ। କ୍ରସ ଭୋଟିଂ ଯୋଗୁ ବିଜେପି ସପକ୍ଷରେ ୩୪ ଖଣ୍ଡ ଭୋଟ ପଡ଼ିଥିଲା। କଂଗ୍ରେସର ଜଣେ ବିଧାୟକ ଅସୁସ୍ଥତା କାରଣରୁ ଭୋଟ ଦେବାକୁ ଆସି ନଥିଲେ। ତେଣୁ ୩୪-୩୩ରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିଲେ। ବିଜେପି ପାଖରେ ମାତ୍ର ୨୫ ଜଣ ବିଧାୟକ ଥାଇ ମଧ୍ୟ ଏହି କ୍ରସ୍ ଭୋଟିଂ କାରଣରୁ ଦଳ ଗୋଟିଏ ରାଜ୍ୟସଭା ଆସନ ଜିତିବାରେ ସକ୍ଷମ ହୋଇଥିଲା। ସେପଟେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ କହିଛନ୍ତି, ‘ରାଜ୍ୟସଭା ନିର୍ବାଚନରେ ??କ୍ରସ୍ ଭୋଟ୍ ଦେଇଥିବା ବିଧାୟକମାନେ ମଧ୍ୟ ଆମ ସହ ଯୋଗାଯୋଗ କରୁଛନ୍ତି। ବିଜେପି ଦଳ ଭାଙ୍ଗିବାକୁ ଚାହୁଁଛି, କିନ୍ତୁ କଂଗ୍ରେସ ସଂଗଠିତ ହୋଇଛି। କିଛି ବିଧାୟକଙ୍କ ରାଜନୈତିକ ଉଦ୍ଦେଶ୍ୟ ରହୁଛି। କିନ୍ତୁ ସେମାନଙ୍କୁ ବୁଝିବାକୁ ହେବ ଯେ ସମସ୍ତ ବିଧାୟକଙ୍କ ରାଜନୈତିକ ଉଦ୍ଦେଶ୍ୟ ପୂରଣ କରାଯାଇ ପାରିବନି।‘

### ବଢ଼ିଲା ଅଙ୍ଗନବାଡ଼ି ...

ଚଳିତ ଫେବ୍ରୁଆରୀ ମାସରୁ ସେମାନଙ୍କୁ ବର୍ଦ୍ଧିତ ପାରିଶ୍ରମିକ ନିୟମିତ ଭାବେ ମିଳିବ। ଅଙ୍ଗନବାଡ଼ି କର୍ମଚାରୀଙ୍କ ସେବା ନିବୃତ୍ତି ପ୍ରୋତ୍ସାହନ ରାଶି ବୃଦ୍ଧି କରାଯାଇଛି। ଏହା ଆସନ୍ତା ଏପ୍ରିଲ ପହିଲା (୦୧.୦୪.୨୦୨୪)ରୁ ଲାଗୁ ହେବ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ଅଙ୍ଗନବାଡି କର୍ମୀମାନେ ପୂର୍ବରୁ ପାଉଥିବା ୪୦ ହଜାର ଟଙ୍କା ପରିବର୍ତ୍ତେ ୧ ଲକ୍ଷ ଟଙ୍କା ପାଇବେ। ମିନି ଅଙ୍ଗନବାଡି କର୍ମୀମାନେ ୩୦ ହଜାର ଟଙ୍କା ପରିବର୍ତ୍ତେ ୭୫ ହଜାର ଟଙ୍କା ପାଇବେ ଓ ଅଙ୍ଗନବାଡି ସହାୟିକାମାନେ ୨୦ ହଜାର ଟଙ୍କା ପରିବର୍ତ୍ତେ ୫୦ ହଜାର ଟଙ୍କା ପାଇବେ। ସେହିପରି ସାମାଜିକ ସୁରକ୍ଷା ଦିଗରେ- ମୃତ୍ୟୁ କିମ୍ବା ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମନ୍ତେ ଅଙ୍ଗନବାଡି କର୍ମୀ, ମିନି ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କୁ ୨ ଲକ୍ଷ ଟଙ୍କା ଓ ଆଂଶିକ ଅକ୍ଷମତା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଏହି ସୁବିଧା ମଧ୍ୟ ୦୧.୦୪.୨୦୨୪ରୁ ଲାଗୁ ହେବ।

### ବାହାର ରତ୍ନ ଭଣ୍ଡାର...

ସେତେବେଳେ କାନ୍ଥର ବିଭିନ୍ନ ସ୍ଥାନରେ ଫାଟ ହୋଇଥିବା ଦେଖାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରିଛି ଏଏସଆଇ। ରତ୍ନଭଣ୍ଡାରର ବାହାର ତିନୋଟି କାନ୍ଥକୁ ଡି ପ୍ଲାଷ୍ଟର କରାଯିବ। ଏହାପରେ ଯଦି କୌଣସି କ୍ଷତି ଦେଖାଯାଏ ତାହାକୁ ସଂରକ୍ଷଣ ପ୍ରଣାଳୀ ଦ୍ୱାରା ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଏଏସଆଇ ପକ୍ଷରୁ କୁହାଯାଇଛି। ଏଏସଆଇ ପକ୍ଷରୁ ୪୯ଟି ପଏଣ୍ଟରେ ହୋଇଥିଲା ଲେଜର୍ ସ୍କାନିଂ। ଏଏସ୍ ଆଇ ପକ୍ଷରୁ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଆଜି ଏହି ସ୍କାନିଂ ରିପୋର୍ଟ ପ୍ରଦାନ କରାଯାଇଛି।

### ସ୍କୁଟି-ବାଇକ୍ ମୁହାଁମୁହିଁ ....

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବାଇକ୍ ଚାଳକଜଣକ ଦ୍ରୁତ ଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ଉଭୟ ଗାଡ଼ି ଚାଳକମାନେ କୋଡ଼ିଏ ଫୁଟ ତଳକୁ ଛିଟିକି ପଡ଼ିଥିଲେ । ଘଟଣା ସ୍ଥଳରେ ହିଁ ସମସ୍ତଙ୍କ ମୃତ୍ୟୁ ହୋଇଛି। ଦୁଇ ଗାଡ଼ି ମଧ୍ୟରେ ଏତେ ଜୋରରେ ଧକ୍କା ହୋଇଛି ଯେ ଉଭୟ ଗାଡ଼ି ଦୁଇଟି ଭାଙ୍ଗି ଚୁରମାର ହୋଇଯାଇଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଚର୍ଚ୍ଚାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ: ପଦ୍ମ ଧରିଲେ ପ୍ରଶାନ୍ତ ଜଗଦ୍ଦେବ



ଭୁବନେଶ୍ୱର, ୨୯/୨ (ନି.ପ୍ର): ଦୀର୍ଘ ଦିନ ଧରି ଲାଗି ରହିଥିବା ଚର୍ଚ୍ଚାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ । ଆଜି ପଦ୍ମ ଧରିଲେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ। ଭୁବନେଶ୍ୱର ସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପିରେ ମିଶିଲେ ଏହି ବାହୁବଳୀ ନେତା। ପ୍ରଶାନ୍ତଙ୍କ ସହ ତାଙ୍କର ବହୁ ସମର୍ଥକ ବି ବିଜେପିରେ ସାମିଲ ହୋଇଛନ୍ତି । ପ୍ରଶାନ୍ତ ଜଗଦ୍ଦେବ ଆଜି ବିଜେପିରେ ଯୋଗ ଦେବା କାର୍ଯ୍ୟକ୍ରମ ଥିବାରୁ ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟ ବେଶ୍? ଚଳଚଞ୍ଚଳ ହୋଇ ପଡ଼ିଥିଲା। ଅପରାହ୍ନ ପ୍ରାୟ ୧ଟାରେ ପ୍ରଶାନ୍ତ ଜଗଦ୍ଦେବ ନିଜ ସମର୍ଥକଙ୍କ ସହ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ଜୟ ଶ୍ରୀରାମ ଓ ଭାରତ ମାତା କି ଜୟ ନାରା ଦେଇ ବିଜେପି କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ଏହାପରେ ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ବିଜେପି ସହପ୍ରଭାରୀ ଲତା ଉସେଣ୍ଡି ବିଜେପିର ଉତ୍ତରୀୟ ଓ ଟୋପି ପ୍ରଦାନ କରି ପ୍ରଶାନ୍ତ ଜଗଦ୍ଦେବ ଙ୍କୁ ଦଳରେ ସାମିଲ କରିଥିଲେ। ଏହି ଅବସରରେ ବିଜେପିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ସେମାନଙ୍କ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ଥିଲେ। ବିଜେପିରେ ଯୋଗ ଦେବା ପରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ବିଜେପିରେ ମିଶି ମୁଁ ଆଜି ବହୁତ ଖୁସି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ମୋତେ ପ୍ରେରଣା ଦେଇଛି। ବିଜେଡିରେ ଥିଲା ବେଳୁ ମୁଁ ମୋଦିଙ୍କୁ ସମ୍ମାନ ଜଣାଉଥିଲି। ଏଭଳି ପ୍ରଧାନମନ୍ତ୍ରୀଙ୍କ ସୈନିକ ଭାବେ କାମ କରିବି। ମୁଁ ବହୁତ ଖୁସି। ସେ ଆହୁରି କହିଥିଲେ, ନବୀନ ବାବୁ ମୋତେ ବହୁତ ସମ୍ମାନ ଦିଅନ୍ତି ଓ ସୁରକ୍ଷା ଦିଅନ୍ତି। ଆଜି ନବୀନ ବାବୁ ଆମକୁ ସୁରକ୍ଷା ଦେବା ଅବସ୍ଥାରେ ନାହାନ୍ତି। ଏବେ ରାଜନୀତିକ ବ୍ୟବସ୍ଥାରୁ ସେ ନିବୃତ୍ତ ରହିବା ଦରକାର। ମୋତେ ବାସ୍ନା ହେଉଛି, ଓଡ଼ିଶାରେ ଡବଲ ଇଂଜିନ ସରକାର ହେବ। ଏବେ ମୁଁ ପୂରା ଆକ୍ସନ ମୁଡ୍‌ରେ ଅଛି। ଏବେ ଓନ୍‌ଲି ଆକ୍ସନ, ନୋ ରିଆକ୍ସନ। ସେହିପରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଥିଲେ, ଆମେ ଖୁବ୍ ଆନନ୍ଦିତ। ପ୍ରଶାନ୍ତ ଜଗଦ୍ଦେବ ବିଜେପି ପରିବାର ସଦସ୍ୟ ଭାବେ କାର୍ଯ୍ୟ କରିବେ। ମୋଦିଙ୍କ ନେତୃତ୍ୱରେ ବିଜେପି ଦିନକୁ ଦିନ ଶକ୍ତିଶାଳୀ ହେଉଛି। ଆମେ ସମସ୍ତେ ମିଳିମିଶି ଲୋକଙ୍କ ପାଇଁ କାମ କରିବୁ।

# ମାର୍ଚ୍ଚ ୫ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୯/୨ (ନି.ପ୍ର): ମାର୍ଚ୍ଚ ୫ ତାରିଖରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏନେଇ ରାଜ୍ୟ ବିଜେପି ସହପ୍ରଭାରୀ ଲତା ଉସେଣ୍ଡି ଆଜି ଏହି ସୂଚନା ଦେଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ କୌଣସି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଗସ୍ତ ସମୟରେ ଚଣ୍ଡିଖୋଲ ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ଏକ ସାଧାରଣ ସଭାରେ ମୋଦି ଉଦବୋଧନ ଦେବେ। ଏହାସହ କିଛି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୫ ତାରିଖରେ ମୋଦି କେତେବେଳେ ଓଡ଼ିଶାରେ ପହଞ୍ଚିବେ ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ଏହାସହ ମୋଦିଙ୍କର ଏହି ଦିନିକିଆ ଗସ୍ତରେ ଆଉ କିଛି କାର୍ଯ୍ୟକ୍ରମ ରହିଛି କି ନାହିଁ ତାହା ଜଣାପଡ଼ିନାହିଁ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ଚର୍ଚ୍ଚା ହେଉଛି। ତା’ ପୂର୍ବରୁ ମୋଦି ଓଡ଼ିଶା ଆସିବା ଅନେକ ଦିଗକୁ ଇଙ୍ଗିତ କରୁଛି। ଅନ୍ୟପକ୍ଷରେ ମାର୍ଚ୍ଚ ୫ତାରିଖରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ପଡୁଛି। ଏହି ଦିନ ମୋଦି ଓଡ଼ିଶାରେ କିଛି ବଡ଼ ଘୋଷଣା କରିପାରନ୍ତି ବୋଲି ରାଜନୀତି ମହଲରେ ଚର୍ଚ୍ଚା ହେଉଛି। ଓଡ଼ିଶାରେ ବିଜେଡି ଓ ବିଜେପି ମେଣ୍ଟ ହେବ ବୋଲି ଚର୍ଚ୍ଚା ହେଉଥିବା ବେଳେ ମୋଦି ବିଜୁ ବାବୁ ଜନ୍ମଦିନରେ ଓଡ଼ିଶା ଆସିବା ଏହି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି। ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ବିଜେପି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଫେବ୍ରୁଆରୀ ୩ ତାରିଖରେ ଦିନିକିଆ ସମ୍ବଲପୁରର ଗସ୍ତରେ ଆସିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବରେ ପ୍ରଧାନମନ୍ତ୍ରୀ ଯୋଗ ଦେବା ସହ କିଛି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

# କଂଗ୍ରେସ ଯୋଗାଯୋଗରେ ଅଛନ୍ତି ଅନ୍ୟଦଳର ନେତା ଓ କର୍ମୀ

ଖଇରା, ୨୯/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ କଂଗ୍ରେସର ୬ମାସ ମଧ୍ୟରେ ୩୦ରୁ ଉର୍ଦ୍ଧ ର ଛୋଟବଡ ମିଶ୍ରଣ ପର୍ବ ମାଧ୍ୟମରେ କଂଗ୍ରେସ ଧିରେ ଧିରେ ସୁଦୃଢ ହେବାରେ ଲାଗିଛି ।୨୦୧୯ରେ ଦଳ ଛାଡି ବିଜେପିକୁ ମୁହାଁଇଥିବା ବହୁ କଂଗ୍ରେସ କର୍ମୀ ତଥା ଦଳ ଆରମ୍ଭରୁ ସକ୍ରିୟତା ଭୂମିକାରେ ରହିଥିବା ଅନ୍ୟକିଛି କର୍ମୀ ଦଳ ଭିତରେ ଅଣ ନିଶ୍ୱାସୀ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପରେ କଂଗ୍ରେସ ଶକ୍ତିଶାଳି ହୋଇ ପଡୁଥିବା କୁହାଯାଉଛି । ଗୁରୁବାର ଖଇରା କଂଗ୍ରେସ କାର୍ଯ୍ୟାଳୟରେ ପୁଣି ଏକ ମିଶ୍ରଣ ପର୍ବ ସିମୁଳିଆରେ ଦଳର ଲୋକପ୍ରିୟତା ବୃଦ୍ଧିକୁ ପ୍ରମାଣିତ କରିଛି । କଂଗ୍ରେସ ସଭାପତି ଶରତ ଦାସ,କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ପୁର୍ବତନ ସରପଞ୍ଚ ବସନ୍ତ ପାତ୍ରଙ୍କ ଉପସ୍ଥିତିରେ ଅନ୍ତରା ଜୋନ ବିଜେପିର ପୁର୍ବତନ ସଭାପତି ଭାଗିରଥି ମହାପାତ୍ର,ଲକ୍ଷ୍ମୀଧର ମହାପାତ୍ର,ଗଣେଷ ଶତପଥି,ଭଗବାନ କରକୈଳାସ ମହାପାତ୍ର,ହରେକୃଷ୍ଣ ମହାପାତ୍ର ଓ କୁପାରୀ ଜୋନର ଟାଣୁଆ ନେତା ପରମେଶ୍ୱର ମହାପାତ୍ର ନିଜର ୭୦ରୁ ଉର୍ଦ୍ଧ ସମର୍ଥକଙ୍କ ସହ ଦଳ ଛାଡି କଂଗ୍ରେସ ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କରିଛନ୍ତି । ବିଜେପି ଗୋଷ୍ଠୀ କନ୍ଦଳ ଉଗ୍ର ହେଉଥିବା ବେଳେ କୌଣସୀ ନେତା କର୍ମୀଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନାହାଁନ୍ତି । ସେପଟେ କଂଗ୍ରେସର ଯୁବ ନେତା ହିମାଂଶୁଙ୍କ ଲୋକପ୍ରିୟତା ଆଶାତିତ ବଢିଚାଲିଥିବାରୁ ସେମାନେ କଂଗ୍ରେସ ଶିବିରରେ ପାଦ ଦେଇଥିବାର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏହି ଅବସରରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ଦାସ ବକ୍ତବ୍ୟରେ ଉଭୟ ଭାଜପା ଓ ବିଜେଡିରୁ ବହୁ ନେତା ଓ କର୍ମୀ ତାଙ୍କ ଦଳକୁ ଆସିବାକୁ ତାଙ୍କ ସହ ଯୋଗାଯୋଗରେ ଅଛନ୍ତି । ଅଳ୍ପ ଦିନ ମଧ୍ୟରେ ଆଉରି ବହୁ ମିଶ୍ର ପର୍ବ ଅନୁଷ୍ଠିତ ହେବା ସହ କଂଗ୍ରେସ ସିମୁଳିଆ ଆସନ ଦଖଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

# ଜଳେଶ୍ୱରର ବୋହୂକୁ ଭୁବନେଶ୍ୱରରେ ହତ୍ୟା : ପରକୀୟାପ୍ରୀତି ସନ୍ଦେହ



ଜଳେଶ୍ୱର ୨୯/୨: ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପୀମୋହନ ପଂଚାୟତ ଛମୌଜ ଗାଁର କୁଂଜବିହାରୀ ଦତ୍ତ ତାର ସ୍ତ୍ରୀ ଭୁବନେଶ୍ୱରରେ ରହୁଥିବା ବେଳେ ଗତ ମଙ୍ଗଳବାର ରାତିରେ ତାକୁ ଜନୈକ ଯୁବକ ଛୁରୀ ଭୂଷି ହତ୍ୟା କରିଥିବା ଜଣାଯାଇଛି । ଭୁବନେଶ୍ୱର ପୁଲିସ୍‌ର ଛାନଭିନ ପରେ ମୃତ ଦୀପିକା ରାଣୀର ଶବ ଗତ ବୁଧବାର ରାତିରେ ଛମୌଜରେ ପହଞ୍ଚିବାପରେ ଶୋକାକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ହୋଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଛମୌଜ ଗାଁର ମହେନ୍ଦ୍ର ଦତ୍ତଙ୍କ ୩ୟ ପୁତ୍ର କୁଞ୍ଜ ବିହାରୀ ଦତ୍ତ ୪ବର୍ଷ ପୂର୍ବରୁ ବାଲିଆପାଳ ଥାନା ଅନ୍ତର୍ଗତ ସୁନାରୋଇ ଗାଁର ଦୀପିକା ରାଣୀ ରଣଜିତ୍‌କୁ ଭଲ ପାଇ ବିବାହ କରିଥିଲେ । କିନ୍ତୁ ଉଭୟେ ଗାଁରେ ରହୁଥିବା ବେଳେ ଦୀପିକା ଅନ୍ୟଜଣେ ଯୁବକ ସହିତ ଫେରାର ହୋଇ ଯାଇଥିଲା । ପରେ କୁଂଜବିହାରୀ ଦୀପିକାର ଠିକଣା ଜାଣି ଭୁବନେଶ୍ୱରରେ ପହଞ୍ଚିଥିଲା । ଉଭୟେ ଭୁବନେଶ୍ୱରର ଝରଣାସାହିରେ ଏକ ମୋବାଇଲ ଦୋକାନ କରି ଚଳି ଆସୁଥିଲେ । ତାର ୨ବର୍ଷ୬ମାସର ଏକ କନ୍ୟା ସନ୍ତାନ ରହିଛି । ମୋବାଇଲ ଦୋକାନରେ ସ୍ୱାମୀ-ସ୍ତ୍ରୀ କାର୍ଯ୍ୟ କରୁଥିବାବେଳେ ସେହି ଦୋକାନରେ ସ୍ଥାନୀୟ ଅନ୍ୟ ଜଣେ ଯୁବକ କାମ କରି ଆସୁଥିଲେ । ୨୭ତାରିଖ ମଂଗଳବାର ରାତି ୧୦ଟାରେ ଦୀପିକା ଘରକୁ ଫେରୁଥିବା ବେଳେ ଉକ୍ତ ଯୁବକ ଜଣକ ରାସ୍ତାରେ ଛୁରୀ ଭୁଷିଥିଲେ । ଏ କଥା ଜଣାଯିବାପରେ ଘଟଣାସ୍ଥଳରେ ସ୍ୱାମୀ କୁଂଜ ବିହାରୀ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବୁଧବାର ସକାଳେ ତାର ମୃତ୍ୟୁ ଘଟିଥିଲା । ଭୁବନେଶ୍ୱର ପୁଲିସ୍ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ତାର ମୃତ ଶରୀର ବୁଧବାର ରାତିରେ ଛମୌଜରେ ପହଞ୍ଚିବାପରେ ଶୋକାକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ଗାଁ ଶ୍ମଶାନରେ ସମ୍ପନ୍ନ ହୋଇଛି ।

# ବସ୍ତାରେ ଜାତୀୟ ବିଜ୍ଞାନ ଦିବସ ଦିବସ ପାଳିତ




ବସ୍ତା , ୨୯/୨ (ନି.ପ୍ର): ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ନୋବେଲ ବିଜେତା ଭାରତ ରତ୍ନ ସି ଭି ରମଣ ଙ୍କ ଉଦ୍ଭାବନ କୁ ମନେ ପକାଇବା ପାଇଁ ସାରା ଦେଶ ରେ ପ୍ରତ୍ୟେକ ବର୍ଷ ୨୮ ଫେବୃଆରୀ କୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳିତ ହୋଇ ଆସୁଅଛି ।ଏହି ଉପଲକ୍ଷେ ଆଜି ବସ୍ତା ବଜାର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଏକ ସଭା ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ ମାନେ ବିଜ୍ଞାନ ସଂଗୀତ ପରିବେଷଣ କରିବା ସହ ଭାରତୀୟ କୌଶଳରେ ବିକଶିତ ଭାରତ ଉପରେ ନିଜ ନିଜର ବକ୍ତବ୍ୟ ପ୍ରସ୍ତୁତ କରିଥିଲେ । ମୁଖ୍ୟ ଅତିଥିଭାବେ ବିଶିଷ୍ଟ ବିଜ୍ଞାନ ଶିକ୍ଷକ ତଥା ଶମ୍ଭୁନାଥ ହାଇସ୍କୁଲ ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ଜେନା ସି ଭି ରମଣ ଙ୍କ ର ରଞ୍ଜନ ରଶ୍ମୀ ବିଷୟରେ ବିସ୍ତୃତ ବର୍ଣ୍ଣନା କରି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ରେ ବୈଜ୍ଞାନିକ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ । ସମାଜସେବୀ ଶ୍ୟାମାପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ପ୍ରାରମ୍ଭିକ ସୂଚନା ଦେଇଥିଲେ ରଞ୍ଜିତା ପାଢୀ ଓ ଧନ୍ୟବାଦ ଅର୍ପଣ କରିଥିଲେ ଶୁଚିସ୍ମିତା ସାହୁ । ଏହି କାର୍ଯ୍ୟକ୍ରମ କୁ ପୁଷ୍ପଲତା ପଟ୍ଟନାୟକ, ନମିତା ଦାସ ଓ ଅଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# କପ୍ତିପଦା ଉପଖଣ୍ଡକୁ ଅଣଦେଖା: ଆନ୍ଦୋଳନର ଚେତାବନୀ ଦେଲା ବ୍ରାହ୍ମଣ ମହାସଭା

ଉଦଳା , ୨୯/୨ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି ବୋଲି ବ୍ରାହ୍ମଣ ମହାସଭାର ଉପଖଣ୍ଡ ସଂପାଦକ ରଂଜନ ପ୍ରହରାଜ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଏ ପର୍ଯ୍ୟନ୍ତ କପ୍ତିପଦା ଉପଖଣ୍ଡକୁ ଜାତୀୟ ରାଜପଥ ଓ ରେଳପଥର ସଂଯୋଗ ହୋଇ ପାରିଲା ନାହିଁ । ସେହିପରି ସବୁ ପ୍ରକାର ଭିତି ଭୂମି ଥିବା ସତ୍ତ୍ୱେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହୋଇ ପାରିଲା ନାହିଁ । ସେହିପରି ସମଗ୍ର ଉପଖଣ୍ଡ ମଧ୍ୟରେ କେବଳ ଉଦଳା ଉଚ୍ଚ ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥି ବାହିନୀ (ଏନ୍‌ସିସି) ଥିଲା । ଚଳିତ ବର୍ଷ ଏହା ମଧ୍ୟ ଏଠାରୁ ଉଠିଗଲା । ଉଦଳା ବିଜ୍ଞାପିତ ଅଂଚଳ ପରିଷଦକୁ ୫୦ ବର୍ଷ ପୂରିଲା ଅଥଚ ଏହା ମ୍ୟୁନସିପାଲଟି ରେ ପରିଣତ ହୋଇ ପାରିଲା ନାହିଁ । ଖୁଂଟା ବିଜ୍ଞାପିତ ଅଂଚଳ ହେବାର ସବୁ ପ୍ରକାର ଭିତି ଭୂମି ରହିଛି ଏହା ମଧ ପୁରଣ ହେଲା ନାହିଁ । ସେହିପରି ଶରତ ଓ ନୁଦଡ଼ିହାକୁ ବ୍ଲକର ମାନ୍ୟତା ମିଳୁ ବୋଲି ଦିର୍ଘ ବର୍ଷ ଧରି ଦାବି ହୋଇ ଆସୁଛି । ଏହାମଧ ପୁରଣ ହେଲା ନାହିଁ । ଏଥିପାଇଁ ଆଗାମୀ ଦିନରେ ବ୍ରାହ୍ମଣ ମହାସଭା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂପାଦକ ରଂଜନ ପ୍ରହରାଜ ଚେତାବନି ଦେଇଛନ୍ତି ।

# ବେଷ୍ଟ ପରିସରରେ ଯୁବ ସଂସଦୀୟ କାର୍ଯ୍ୟକ୍ରମ



ଭଦ୍ରକ, ୨୯/୨ (ନି.ପ୍ର): ଧାମନଗର ବ୍ଲକ ଅସୁରାଳି ସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ପରିସରରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ଦ୍ୱାରା ଏକ ଯୁବ ସଂସଦୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଆରିକ୍ଷୀ ଅଧିକାରୀ ଅଶୁଂମାନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ନିଯୁକ୍ତିକାରୀ ବିଭାଗର ମୁଖ୍ୟ ଅନିତା ନାୟକ ଓ ଅନୁଷ୍ଠାନର ଅଧକ୍ଷ ଇଂ ରବିନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖଶାଳା ସାହିତ୍ୟ ପତ୍ରିକାର ସମ୍ପାଦକ କାଳୀ ଚରଣ ପଣ୍ଡା ଓ ଭଦ୍ରକ ଜିଲ୍ଲାର ବିଶିଷ୍ଟ ଶିଳ୍ପପତି ଓ ସାହିତ୍ୟିକ ଅଭୟ ସୂତାର ସଂସାଧନ ବ୍ୟକ୍ତି ଭାବେ ଯୋଗଦେଇ ପିଲାମାନଙ୍କୁ ନିଜର ଉତ୍ତମ ଚରିତ୍ର ଗଠନ କରିବା ସହ ବର୍ତ୍ତମାନ ଯୁଗର ଆବଶ୍ୟକତାକୁ ନେଇ ନିଜକୁ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ପରିପେକ୍ଷିରେ କବୟିତ୍ରୀ ସୁଶ୍ରୀ ସଙ୍ଗୀତା ସାହୁ, ସାମାଜିକ ସଂଗଠନ ବିଶ୍ୱାସ ଫାଉଁଡ଼େସନ୍, ବହୁ ଭାଷି ଗାୟୀକା ନୃତ୍ୟଶିଳ୍ପି ସୁଭ୍ରସ୍ମିତା ରାଉତ ଓ ସେବା ନିବୃତ୍ତ ପ୍ରଧାନଶିକ୍ଷକ ବଂଶୀଧର ସାହୁଙ୍କୁ ସମାଜ ପ୍ରତି ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇ ଅତିଥିମାନଙ୍କ ଗହଣରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ବିଷୟ ବସ୍ତୁକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଇଂ କିଶ୍ୱର କମାର ପୃଷ୍ଟି ଓ ସହ ସମ୍ପାଦକ ଅବଦୁଲ ସାଜିଦ ଖାନ୍ ପରିଚ୍ଛଳନା କରିଥିବା ବେଳେ ଅଧାପକ ଇଂ ମଳୟ ରଂଜନ ସାହୁ, ଭାରତ ଭୂଷଣ ଦାସ, ଇଂ କିର୍ତ୍ତୀ ଭୁଷଣ ସେଠୀ, ଦୁର୍ଗା ପ୍ରଶନ୍ନ ପଟ୍ଟନାୟକ ଇତ୍ୟାଦି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପକ ଇଂ ସୂର୍ଯ୍ୟକାନ୍ତ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟିକୁ ସୂଚ୍ଚାରୁରୂପେ ସମ୍ପାଦନ କରିଥିବାରୁ ଅନୁଷ୍ଠାନର ଚେୟାରମ୍ୟାନ ଡଃ ମନ୍ମଥ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ବୋଲଗଡ଼ ବ୍ଲକକୁ ଏନ.ଏ. ସି. କରିବା ଦାବି

ଖୋରଧା, ୨୯/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ କୁ ଏନ.ଏ. ସି କରିବା ପାଇଁ ଦଳ ମତ ନିର୍ବି ଶେଷରେ ଏକ ବଡ଼ ଧରଣ ଆନ୍ଦୋଳନ ଗଢି ଉଠିଛି । ବେଗୁନିଆ ଓ ବୋଲଗଡ଼ ଦୁଇ ବ୍ଲକ କୁ ନେଇ ଏକ ବିଧାନ ସଭା ଆସନ । ଯେଉଁଠି ଏବେ ବିଜେଡି ବିଧାୟକ ଜଣେ ଯୁବ ଚେହେରା ଅଛନ୍ତି । ଆମ ଓଡ଼ିଶା ସରକାର ନିର୍ବାଚନ ପୂର୍ବରୁ ୩୫ ପୌରପାଳିକା ଗଠନ କଲେ । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଓ ବେଗୁନିଆ ବ୍ଲକ ଏନ .ଏ. ଏସି. ଅନ୍ତର୍ଭୁକ୍ତ ହୋଇ ଥିଲା ବେଳେ ବୋଲଗଡ଼ ବ୍ଲକ କରାଗଲା ନାହିଁ । ଏହି ବ୍ଲକ ବହୁ ଆଗରୁ ଦାବୀ ରଖି ଆସୁଥିଲେ ଶୁଣିବାକୁ ମିଳେ ।ଆମ ସରକାର ଓ ଏହିଠାରେ ନେତୃତ୍ୱ ନେଇଥିବା ନେତାମାନେ ପାତରଅନ୍ତର ଯୋଗୁ ଉକ୍ତ ବ୍ଲକ ବାସୀ ଆଜି ବଞ୍ଚିତ । ଏଣୁ ଏହି ବ୍ଲକର ସମସ୍ତ ପଞ୍ଚାୟତ ବାସୀ, ୱାର୍ଡ ସଭ୍ୟ , ଜନସାଧାରଣ ଆନ୍ଦୋଳନ ଡାକରା ଦେଇଛନ୍ତି । ଆସନ୍ତା ନିର୍ବାଚନ ବର୍ଜନ କରିବା ଧମକ ଦେଇ ଅଛନ୍ତି । ସେମାନେ ବନ୍ଧ ପରିକର କେଉଁ ଦଳର ନେତାଙ୍କୁ ବୋଲଗଡ଼ ବ୍ଲକ କୁ ନିର୍ବାଚନ ପ୍ରଚାର କରିବା ପାଇଁ ବ୍ଲକ ଭିତରେ ପସାଇ ଦେବେ ନାହିଁ । ସରକାର ପୂର୍ଣ୍ଣ ବିଚାର କରି ଏହି ବ୍ଲକ କୁ ଏନ .ଏ.ସି.ମାନ୍ୟତା ଦିଅନ୍ତୁ । ତାପରେ ବିଧାୟକ ଓ ସାଂସଦ ନିର୍ବାଚନ ଭାଗ ନେବେ ଏହା ସେମାଙ୍କରୁ ଦୃଢୋକ୍ତି ।

# ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତାରୋକ

ଭୁବନେଶ୍ୱର/ ଆଠଗଡ଼, ୨୯/୨ (ନି.ପ୍ର): ଆଠଗଡ଼ ଏନ୍‌ଏସି ୯ ନମ୍ବର ଓ ୧୬ ନମ୍ବର ୱାର୍ଡରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି । ସମସ୍ୟାକୁ ନେଇ ଦୁଇ ୱାର୍ଡବାସୀ ୬୫ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଛନ୍ତି । ବିକ୍ଷୋଭ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଛି । ଜନସ୍ୱାସ୍ଥ୍ୟ ବିଭାଗ ବିଦ୍ୟୁତ ବିଲ୍ ପୈଠ କରିନଥିବାରୁ ବିଦ୍ୟୁତ ବିଭାଗ ଲାଇନ କାଟିଦେଇଛି । ଫଳରେ ଦୁଇଦିନ ହେଲା ଦୁଇଟି ୱାର୍ଡରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ବାରିପଦା , ୨୯/୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ ?ଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଏହି ବର୍ଷର ଜାତୀୟ ବିଜ୍ଞାନ ଦିବସର ଥିମ୍ 'ବିକଶିତ ଭାରତ ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା' ଉପରେ ଗୁରୁତ୍ୱାରୋପ କରି ଅଧାପକ ଅଧାପିକା ତଥା ଛାତ୍ରଛାତ୍ରୀଙ୍କୁ ଆନ୍ତଃବିଭାଗୀୟ ଗବେଷଣାରେ କାର୍ଯ୍ୟରତ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ସଂସ୍ଥାନ ପୂର୍ବତନ ବରିଷ୍ଠ ବୈଜ୍ଞାନିକ ଡ. ସୁବ୍ରତ କୁମାର ଦାସ 'ବିଭିନ୍ନ ଜୈବପ୍ରଯୁକ୍ତି ଉଦ୍ଭାବନରେ ଓଡ଼ିଶାର ଜୈବଉତ୍ସ ବ୍ୟବହାର' ଶୀର୍ଷକ ବିଷୟରେ ନିଜର ଦୀର୍ଘ ବକ୍ତବ୍ୟ ରଖିଥିଲେ । ଜାମ୍ ?ସେଦପୁରସ୍ଥିତ ରାଷ୍ଟ୍ରୀୟ ଧାତୁକର୍ମ ପ୍ରୟୋଗଶାଳାର ମୁଖ୍ୟ ବୈଜ୍ଞାନିକ ଡ. ତ୍ରିଲୋଚନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ବିକଶିତ ଭାରତ ପାଇଁ ଅଭିନବ ଏବଂ ସ୍ୱଦେଶୀ ବୈଷୟିକଜ୍ଞାନ' ଶୀର୍ଷକ ବିଷୟରେ ନିଜର ଦୀର୍ଘ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ୯୩ ଜଣ ଅଧାପକ ଅଧାପିକା ମାନଙ୍କ ଦ୍ୱାରା ପ୍ରଦର୍ଶିତ ଗବେଷଣା ଭିତ୍ତିକ ପୋଷ୍ଟରର ଏକ ସଂକଳନ ଉନ୍ମୋଚିତ ହୋଇଥିଲା । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ସେଲ୍ ?ର ମୁଖ୍ୟ ପ୍ରଫେସର ପ୍ରମୋଦ କୁମାର ଶତପଥି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ତଥା ସହଯୋଗୀ ପ୍ରଫେସର ଡ. ଇନ୍ଦ୍ରଜିତ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ଅଧାପକ ଅଧାପିକା ମାନଙ୍କ ଦ୍ୱାରା ପ୍ରଦର୍ଶିତ ଗବେଷଣା ଭିତ୍ତିକ ପୋଷ୍ଟର ପ୍ରଦର୍ଶନୀକୁ କୁଳପତି ପ୍ରଫେସର ତ୍ରିପାଠୀ ଉଦ୍ ?ଘାଟନୀ କରିଥିଲେ ଏବଂ ଅଧାପକ ଅଧାପିକା ମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ପ୍ରଦର୍ଶନୀରେ ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରଛାତ୍ରୀ ମାନେ ନିଜର ଗବେଷଣା ଭିତ୍ତିକ ପ୍ରକଳ୍ପର ପ୍ରଦର୍ଶନ କରିଥିଲେ । ଏହି ସମାବେଶରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପୋଷ୍ଟର ଉପସ୍ଥାପନା କରୁଥିବା ଅଧାପକ ଅଧାପିକା ଓ ଗବେଷଣାରତ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ ।

# ଷ୍ଟେଟ ଟ୍ରମା କଡିନେଟରଙ୍କର ବେତନଟୀ ଡାକ୍ତରଖାନା ପରିଦର୍ଶନ



ବେତନଟୀ , ୨୯/୨ (ନି.ପ୍ର): ବେତନଟୀ ଡାକ୍ତରଖାନାକୁ ଏକ ଟ୍ରମା ସେଣ୍ଟର କରିବା ପାଇଁ ଷ୍ଟେଟ ଟ୍ରମା କଡିନେଟର ବେତନଟୀ ଡାକ୍ତରଖାନା ଆଜି ପରିଦର୍ଶନ କରିଛନ୍ତି । ପରିଦର୍ଶନ ରେ ରାଜସି ଦାସ, ରାମାନନ୍ଦ ମିଶ୍ର ବେତନଟୀ ଡାକ୍ତରଖାନାକୁ ଆସି ଟ୍ରମା ସେଣ୍ଟର ପାଇଁ ସ୍ଥାନ ଓ ଆବସକୀୟ ଭିତିଭୂମି ପାଇଁ ତଦାରଖ କରିଥିଲେ । ସୂଚନାଯୋଗ୍ୟ ଗତ ଫେବୃଆରୀ ୧୭ ତାରିଖ ରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ୫- ଟି ସଚିବ ଭି କେ ପାଣ୍ଡିଆନ ୫ -ଟି ରେ ଅନ୍ତର୍ଭୁକ୍ତ କରି ଆମ ହସ୍ପିଟାଲ ନାମରେ ନାମିତ କରିଛନ୍ତି । ଏହି ପରିଦର୍ଶନ ସମୟରେ ବେତନଟୀ ଡାକ୍ତରଖାନାର ଚିକିତ୍ସା ଅଧିକାରୀ ସିପୁନ ପଣ୍ଡା, ବିପିଏମ ସସ୍ମିତା ଦାସ, ଅମିତ୍ୱ ଦାସ, ରସ୍ମିତା ବିସୋଇ, ଲକ୍ଷ୍ମୀପ୍ରିୟା ବିନ୍ଧାଣି ପ୍ରମୁଖ ତାଙ୍କ ଏଥିରେ ସହଯୋଗ କରିଥିଲେ ।

**DECLARATION**
**FORM-IV**
**(See Rule-8)**

Statement of ownership and other particulars about newspaper "THE DHWANIPRATIDHWANI"

1. Place of Publication : Balasore
2. Periodicity of its Publication : Daily
3. Printers Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
4. Editor's Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
5. Name and address of individuals who own the news paper and partners or share holders holding more than one percent of the total Capital.

I, Sairindhree Sahoo, hereby declare that the particulars given above are true to the best of my knowledge and belief.

Sairindhree Sahoo
Signature of the Publisher

# ପଦକ ଜିତିଥିବା ଏନ୍.ସି.ସି କ୍ୟାଡେଟ୍‌ମାନଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୯/୨ (ନି.ପ୍ର): ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ଓଡିଶାର ଏନ୍.ସି.ସି କ୍ୟାଡେଟ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଲୋକସେବା ଭବନସ୍ଥିତ ସରକାରୀ ପ୍ରକୋଷ୍ଠରେ ଆୟୋଜିତ ଏକ ସଂକ୍ଷିପ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିଲ୍ଲୀଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କ୍ୟାମ୍ପ-୨୦୨୪ରେ ଅଂଶଗ୍ରହଣ କରିଥିବା ଓଡିଶାର ତିନିଜଣ ଏନ୍.ସି.ସି. କ୍ୟାଡେଟ୍ ମାନଙ୍କ ପ୍ରଦର୍ଶନକୁ ଅତୀବ ପ୍ରଶଂସନୀୟ ବୋଲି ଅଭିହିତ କରିଥିଲେ । ତିନିଜଣ ଏନ୍.ସି.ସି. କ୍ୟାଡେଟ୍ ମାନେ ଅନ୍ୟ କ୍ୟାଡେଟ୍ ମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାୟକ ମତପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଏସ୍.ୟୁ.ଓ ସାହିଲ କୁମାର ସ୍ୱାଇଁ, ଜେୟୁଓ ଆର୍ଯ୍ୟନନ୍ଦିନୀ ବେହେରା ଓ କ୍ୟାଡେଟ୍ ସୂର୍ଯ୍ୟଶଙ୍କର ରାୟ ଦିଲ୍ଲୀଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କ୍ୟାମ୍ପ- ୨୦୨୪ରେ ଅଂଶଗ୍ରହଣ କରି ବ୍ୟକ୍ତିଗତ ଉତ୍କର୍ଷ ହାସଲ କରି ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ତିନିଟି ବ୍ରୋଞ୍ଜ ପଦକ ଜିତିଛନ୍ତି ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଜାତୀୟ ବିଜ୍ଞାନ ଦିବସ ପାଳିତ




ବସ୍ତା, ୨୯/୨ (ନି.ପ୍ର): ବସ୍ତା ବ୍ଲକ ଅଧିନସ୍ଥ ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ପୌର ହିତ୍ୟରେ ମୂଖ୍ୟ ଅତିଥି ସମ୍ଭୁନାଥ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଗଗନ ବିହାରି ଜେନା ମୂଖ୍ୟ ବକ୍ତା ବିଜେପି ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା ଯୋଗ ଦେଇ ବିଜ୍ଞାନ ଚେତନାକୁ ଲୋକାଭିମୂଖି କରିବା ବିଜ୍ଞାନକୁ ସମାଜ କଲ୍ୟାଣରେ ବିନିଯୋଗ କରିବାର ମାଧ୍ୟମ ସାଜିବେ ଆଜିର ଛାତ୍ରଛାତ୍ରୀ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାକେନ୍ଦ୍ରର ଉପ ପ୍ରଧାନ ଶିକ୍ଷୟତ୍ରୀ ରଞ୍ଜିତାପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶିକ୍ଷୟତ୍ରୀ ଶୁଚିସ୍ମୀତା ସାହୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷ କରିଥିଲେ । ବିଜ୍ଞାନ ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo